THE HARSIKA

# ହର୍ଷିକା


ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର

Harsika Media
24×7 News Channel
ଏକ ନୂଆ ଆହ୍ୱାନ..

PRIG No. :ORORI/26/A0387
A Unit of Harsika Media


Web : www.harsikamedia.in.net
Facebook : Harsika Media
Youtube : Harsika Media

• VOL. NO. 01 • ISSUE NO. 06 • CUTTACK • WEEKLY • 02 TO 08 MARCH, 2026 • RS. 7.00 • PAGE-8
• ଭାଗ-୦୧ • ସଂଖ୍ୟା-୦୬ • କଟକ • ସାପ୍ତାହିକ • ୦୨ - ୦୮ ମାର୍ଚ୍ଚ, ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮




### ସୀମା ସଂଘର୍ଷ ନିଆଁ ଇସଲାମାବାଦରେ ପହଞ୍ଚିଲା


## ଟିଟିପି ବିସ୍ଫୋରଣ : ୪୦ ପାକିସ୍ତାନୀ ସୈନିକ ମୃତ



ଇସଲାମାବାଦ : ପାକିସ୍ତାନ ଓ ଆଫଗାନିସ୍ତାନସୀମାରେ ସମ୍ପ୍ରତି ଉତ୍ତେଜନା ବୃଦ୍ଧି ପାଇଛି। ଉଭୟ ପକ୍ଷ ମଧ୍ୟରେ ରାତିସାରା ଆକ୍ରମଣଜାରି ରହିଛି। ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର ବାଜୌର ଜିଲ୍ଲାରେ ଏକ ଅତର୍କିତ ସାମରିକ ଆକ୍ରମଣ କରିଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ୪୦ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣ ଘଟିଥିବା ଅଞ୍ଚଳ ଗୁଡ଼ିକ ଦୀର୍ଘ ସମୟ ଧରି ବିଦ୍ରୋହ ଓ ଆତଙ୍କବାଦର କେନ୍ଦ୍ରସ୍ଥଳ ଥିବା କୁହାଯାଉଛି। ଗତ କିଛି ମାସ ମଧ୍ୟରେ ପାକିସ୍ତାନରେ ସୁରକ୍ଷା ବାହିନୀଙ୍କ, ● ପୃଷ୍ଠା :୩

## ଓଡ଼ିଶା ଭିଜିଲାନ୍ସ ଇତିହାସରେ ସବୁଠୁ ବଡ ରେଡ୍

ଖଣି ଉପନିର୍ଦ୍ଦେଶ ଦେବବ୍ରତ ମହାନ୍ତି ଗିରଫ୍



ଭୁବନେଶ୍ୱର : ଓଡିଶା ଭିଜିଲାନ୍ସ ଇତିହାସରେ ସବୁଠୁ ବଡ ରେଡ୍। କଟକ ଖଣି ବିଭାଗର ଡେପୁଟି ଡାଇରେକ୍ଟର ଦେବବ୍ରତ ମହାନ୍ତିଙ୍କ ଘରୁ ୪ କୋଟି ନଗଦ ଟଙ୍କା ଜବତ । ଭୁବନେଶ୍ୱର ଫ୍ଲାଟ ରୁ ଜବତ ହୋଇଛି ଏହି ସବୁ ନଗଦ ଟଙ୍କା। ଭିଜିଲାନ୍ସ ଇତିହାସର ଏହା ହେଉଛି ଅଧିକ ଟଙ୍କା ଜବତ । ଟ୍ରଲି ବ୍ୟାଗ ରୁ ଏହି ସବୁ ନଗଦ ଟଙ୍କା ଜବତ କଲା ଭିଜିଲାନ୍ସ। ପଟିଆ ଶିଶୁ ବିହାର ଫ୍ଲାଟ ର ଆଲମୀରାରେ ଟ୍ରଲି ବ୍ୟାଗ ରେ ରଖିଥିଲେ ଟଙ୍କା। ଏହାସହ ଅଫିସ ଡ୍ର ରୁ ମଧ୍ୟ ୧ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଛି। ଭୁବନେଶ୍ୱର ପାହାଳରେ ରହିଛି ଘର। ୧୩୦ଗ୍ରାମ ସୁନା ଅଳଙ୍କାର ବି ଜବତ କରିଛି ଭିଜିଲାନ୍ସ। ବ୍ୟବସାୟୀ ଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଥିଲା ଭିଜିଲାନ୍ସ ଟିମ୍। ଖଣି ବିଭାଗର ଲାଇସେନ୍ସ ଥାଇ କୋଇଲା ବ୍ୟବସାୟୀଙ୍କଠାରୁ , ● ପୃଷ୍ଠା :୩

### ଅବକାରୀ ଦୁର୍ନୀତି ମାମଲା

## ନିର୍ଦ୍ଦୋଷରେ ଖଲାସ ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ (ଏଜେନ୍ସି) : କୋର୍ଟଙ୍କୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି । ଲୋକେ ପଚାରୁଛନ୍ତି, ଜେଲରୁ ଆସିବା ପରେ ଅରବିନ୍ଦ କେଜ୍ରିୱାଲ ଗାଏବ ହୋଇଗଲେ । ମୁଁ କୌଣସି ନେତା ନୁହେଁ । ଏମିତି ଅଭିଯୋଗ ମୋ ଉପରେ ପ୍ରଭାବ ପକାଉଛି । ଆଜି ମୋତେ ଶାନ୍ତି ମିଳିଛି । ଆପଣ ସବୁକିଛି କରି ଦେଖି ନେଲେ, ହେଲେ ଅରବିନ୍ଦ କେଜ୍ରିୱାଲଙ୍କ କିଛି କରିପାରିଲେନି । ଏବେ ଗୋଟଇଏ ମାତ୍ର ବାଟ ରହିଛି, କେଜ୍ରିୱାଲଙ୍କ ହତ୍ୟା କରିଦିଅ ନଚେତ ଆମଠାରୁ ଅଧିକ ସ୍କୁଲ ଓ ମୋହଲ୍ଲା କ୍ଲିନକ ନିର୍ମାଣ କରିଦିଅ । କେଜ୍ରିୱାଲଙ୍କ ସହ ମନୀଷ ସିସୋଦିଆ, ସଞ୍ଜୟ ସିଂହ, ସୌରଭ ଭାରଦ୍ୱାଜ ଏବଂ ଦୁର୍ଗେଶ ପାଠକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ଗତ ୪ ବର୍ଷ ହେବ ମଦ ଦୁର୍ନୀତି କଥା କହୁଛି । ଆମ ନ୍ୟାୟିକ ବ୍ୟବସ୍ଥା ଐତିହାସିକ ନିଷ୍ପତ୍ତି ଦେଇଚନ୍ତି । ଜଜ୍ ସାହେବଙ୍କୁ ଧନ୍ୟବାଦ । ଆଜି ଯେତେବେଳେ ସମସ୍ତଙ୍କୁ ଧମକ ଦିଆଯାଉଛି, ସେ ସେମୟରେ ଜଜ୍ ସାହେବ ବହୁତ ସାହସ ଦେଖାଇଛନ୍ତି ।

କେଜ୍ରିୱାଲ କହିଛନ୍ତି, ପୂରା ଦେଶର ଲୋକେ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ଗତ ୪ ବର୍ଷରେ ଇଡି, ସିବିଆଇର ବ୍ୟବହାର କରି ମୋ ଉପରେ ମଦ ଦୁର୍ନୀତିର ଅଭିଯୋଗ ଲଗାଇଥିଲେ । ଆଜି କୋର୍ଟଙ୍କୁ ନିଷ୍ପତ୍ତି ନେବାର ଥିଲା କି ମାମଲା ଚଲାଇବାକୁ ପାଇଁ ଆବଶ୍ୟକ ପ୍ରମାଣ ରହିଛି କି ନାହିଁ । କେଜ୍ରିୱାଲ କହିଛନ୍ତି, ● ପୃଷ୍ଠା :୩

### ମୋ ପ୍ରତି ଷଡ଼ଯନ୍ତ୍ର ହୋଇଥିଲା; କ୍ଷମା ମାଗନ୍ତୁ : ଅରବିନ୍ଦ






### ରାଜ୍ୟସଭା ପ୍ରାର୍ଥୀ ଘୋଷଣା କଲା ବିଜେଡ଼ି

## ସଂତୃପ୍ତ ଓ ଦଣ୍ଡେଶ୍ୱରଙ୍କୁ ମିଳିଲା ଟିକେଟ୍

ଭୁବନେଶ୍ୱର, : ସବୁ କଳ୍ପନାଜଳ୍ପନାର ଘଟିଲା ଅନ୍ତ । ୨ ଜଣଙ୍କ ନାଁ ଘୋଷଣା କଲା ବିଜେଡି । ଡାକ୍ତର ଦଣ୍ଡେଶ୍ୱର ହୋତା ଏବଂ ସଂତୃପ୍ତ ମିଶ୍ରଙ୍କୁ ମିଳିଲା ଟିକେଟ୍ । ଏହି ଦୁଇ ଜଣଙ୍କ ନାଁରେ ଲାଗିଲା ମୋହର । ଦଣ୍ଡେଶ୍ୱରଙ୍କୁ କମନ କ୍ୟାଣ୍ଡିଡେଟ୍ କହିଲେ ନବୀନ । ସଂତୃପ୍ତ ଆମ ଦଳର ପ୍ରାର୍ଥୀ କହିଲେ ନବୀନ । ତେବେ ସମସ୍ତ ଦଳର ସମର୍ଥନ ଲୋଡିଲେ ନବୀନ ପଟ୍ଟନାୟକ । ସମସ୍ତେ ତାଙ୍କୁ ସମର୍ଥନ କରନ୍ତୁ ବୋଲି କହିଲେ ନବୀନ । ନବୀନଙ୍କୁ କୃତଜ୍ଞତା ଜଣାଇଲେ ସଂତୃପ୍ତ ମିଶ୍ର । କହିଲେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନମ୍ରତାର ସହ ଗ୍ରହଣ କରୁଛି । ● ପୃଷ୍ଠା :୩




### ବିକାଶ ମନ୍ଥନ ଉଦ୍‌ଯାପନୀ ଦିବସ

## ୧୦୯ଟି ପ୍ରକଳ୍ପରେ ୧.୭୬ ଲକ୍ଷ ନିଯୁକ୍ତି ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଗତ ୨୦ ମାସ ଧରି ରାଜ୍ୟ ସରକାର 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଦୃଷ୍ଟିକୋଣକୁ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପରିବର୍ତ୍ତନ, ଭିତ୍ତିଭୂମି ସଂପ୍ରସାରଣ ଓ ସାଂସ୍କୃତିକ ପୁନରୁତ୍ଥାନ ମାଧ୍ୟମରେ ରୂପାୟନ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍‌ଭେନସନ ସେଣ୍ଟର ଠାରେ ଆୟୋଜିତ 'ବିକାଶ ମନ୍ଥନ ୧.୦ : ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍' କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୃଢ଼ ନେତୃତ୍ୱ, ସ୍ୱଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବାରୁ ଏହାର ସହଆୟୋଜକ ଓଡ଼ିଶା ସମନ୍ୱିତ ବିକାଶ କେନ୍ଦ୍ର ର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନରେ ସ୍ୱଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଜରୁରୀ। ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ● ପୃଷ୍ଠା :୩





**ଡ଼ଃ ବ୍ୟୋମକେଶ କାନୁନଗୋ**
(ମୁଖ୍ୟ ସମ୍ପାଦକ)

# କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଉପରେ ଦିଲ୍ଲୀ ଘୋଷଣାନାମା ୨୧ ଫେବୃଆରୀରେ ଗୃହୀତ ହୋଇଛି। ଆମେରିକା, ବ୍ରିଟେନ୍, ଚାଇନା ଓ ଫ୍ରାନ୍ସ ସମେତ ୮୮ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଙ୍ଗଠନ ଉକ୍ତ ଘୋଷଣାନାମାକୁ ସମର୍ଥନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଆଇର ଗବେଷଣା ଓ ଅଭିନବତ୍ୱର ଅନେକ ସ୍ତରରେ ପୃଥିବୀ ବ୍ୟାପୀ ମୁଖ୍ୟତଃ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା କରାଯାଉଛି। ଅଧିକାଂଶ ଦେଶର ସରକାର ଏବେ ଏହି ଅଭିନବତ୍ୱଗୁଡ଼ିକୁ ନିୟନ୍ତ୍ରଣ କରିବା ବ୍ୟତୀତ ଅନ୍ୟ କିଛି କରିପାରୁନାହାନ୍ତି। ଏଆଇକୁ ନିୟନ୍ତ୍ରିତ ରଖିବା ଏବେ ଏକ କଷ୍ଟକର କାର୍ଯ୍ୟ ହୋଇପଡ଼ିଛି। ଏଆଇର ଯେତେ ପ୍ରସାର ହେଉଛି ସେଥିପାଇଁ ବିପୁଳ ପରିମାଣର ଜମି, ଅପୂର୍ବ ପରିମାଣର ବିଦ୍ୟୁତ୍ ଶକ୍ତି ଏବଂ ଅତ୍ୟଧିକ ମାତ୍ରାର ଜଳର ପ୍ରୟୋଜନ ରହୁଛି। ଏହି ପ୍ରଚ୍ଛଦପଟରେ ନୂଆଦିଲ୍ଲୀରେ ନିକଟରେ ଶେଷ ହୋଇଥିବା ଇମ୍ପାକ୍ଟ ସମିଟ୍ ସମ୍ପର୍କରେ ଅନେକ ଆଲୋଚନା କରିବା ଉଚିତ ହେବ। ଏଠାରେ ମନେରଖିବାକୁ ହେବ ଯେ ଭାରତର ଏଆଇ ବ୍ୟବସ୍ଥାର ବିକାଶରେ ଅବଦାନ ଅତ୍ୟନ୍ତ ଗୌଣ। ସେଥିପାଇଁ ହୁଏତ ଅନେକେ ବୁଝିପାରି ନ ଥିବେ ଏଭଳି ସମିଟ୍ ର ଦିଲ୍ଲୀରେ ଆବଶ୍ୟକତା କ'ଣ ଥିଲା। ଏହିସବୁ ଅନ୍ତର୍ଜାତୀୟ ଏଆଇ କମ୍ପାନୀ ଭାରତକୁ ମାଡ଼ିଆସିବାର କାରଣ ହେଉଛି, ଆମେ ସେମାନଙ୍କର ବିରାଟକାୟ ଡାଟା ସେଣ୍ଟର ସ୍ଥାପନ ପାଇଁ ଜମି, ବିଦ୍ୟୁତ୍ ଓ ଜଳ ବିନାଶୁଳ୍କରେ ଉତ୍ସର୍ଗୀକୃତ କରିବା ପାଇଁ ଆଗେଇ ଆସିଛୁ। ଗୋଟିଏ ସାଧାରଣ ଡାଟା ସେଣ୍ଟରକୁ କାର୍ଯ୍ୟକ୍ଷମ ରଖିବା ପାଇଁ ଯେତିକି ପାଣି ଦରକାର ହୁଏ, ତାହା ୩୦ ହଜାର ନାଗରିକ ବିଶିଷ୍ଟ ସହରର ଜଳ ବ୍ୟବହାର ସମାସ୍କନ୍ଧ। କୁହାଯାଉଛି ଭାରତରେ ୨୦୩୦ ସୁଦ୍ଧା ନିର୍ମିତ ହେବାକୁ ଥିବା ଡାଟା ସେଣ୍ଟର ପରିଚାଳନା ପାଇଁ ପାଣିର ଚାହିଦା ୩୫୦ ବିଲିୟନ ଲିଟର ରହିବ। ଏଭଳି ଡାଟା ସେଣ୍ଟରଗୁଡ଼ିକ ବମ୍ବେ, ଚେନ୍ନାଇ, ହାଇଦ୍ରାବାଦ ଭଳି ସହର ନିକଟସ୍ଥ ଅଞ୍ଚଳରେ ସ୍ଥାପିତ ହେବ। ଏହିସବୁ ସହରଗୁଡ଼ିକ ପାନୀୟ ଜଳାଭାବର ଶିକାର ଏବେ ମଧ୍ୟ ଅଛନ୍ତି। ଭାରତରେ ଏଆଇର ଅଭିନବତ୍ୱଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଡାଟା ସେଣ୍ଟର ସ୍ଥାପନ। ଏହିସବୁ ଡାଟା ବା ତଥ୍ୟ କେନ୍ଦ୍ର ଅନେକ ଘରୋଇ କମ୍ପାନୀ ଦ୍ୱାରା ପୃଥିବୀବ୍ୟାପୀ ସଂଗୃହୀତ ତଥ୍ୟକୁ ଆଶ୍ରୟ ଦେବ। ତାହାର ଅର୍ଥ ନୁହେଁ, ଯେ ଭାରତ ସରକାର ଏଭଳି ତଥ୍ୟକୁ ବ୍ୟବହାର କରିପାରିବେ। କିନ୍ତୁ ଭାରତର କେତୋଟି ଘରୋଇ କମ୍ପାନୀ ରିଲାଏନ୍ସ, ଆଦାନୀ ଏବଂ ଟାଟା ଏହିସବୁ ଡାଟା ସେଣ୍ଟର ପାଇଁ ୨୦୦ରୁ ଅଧିକ ବିଲିୟନ ଡଲାର ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରକଳ୍ପରେ ବିଦେଶୀ କମ୍ପାନୀଗୁଡ଼ିକର, ତୁଳନାତ୍ମକ ଭାବେ, କମ୍ ଯୋଗଦାନ ରହିବ। ପୁଞ୍ଜିବଜାରରେ ଲାଗିଥିବା ଅର୍ଥକୁ ନେଇ ଅମ୍ବାନୀ, ଆଦାନୀ ଓ ଟାଟା ବିଦେଶୀ କମ୍ପାନୀଙ୍କ ସେବାରେ ଲଗାଇବା ସହିତ ଦେଶର ପ୍ରାକୃତିକ ସମ୍ବଳକୁ ପ୍ରବଳମାତ୍ରାରେ ବ୍ୟବହାର କରିପାରିବେ। ସ୍ୱୀକାର କରିବାକୁ ହେବ ଯେ ଏହି ଭାରତୀୟ କମ୍ପାନୀଗୁଡ଼ିକ ପ୍ରବଳମାତ୍ରାରେ ଲାଭ ମଧ୍ୟ କରିବେ। କିନ୍ତୁ ଦେଶର ନାଗରିକଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିବ, କାରଣ ଯେଉଁ ଅଞ୍ଚଳରେ ପ୍ରାକୃତିକ ସମ୍ପଦର ଅଭୂତପୂର୍ବ ବ୍ୟବହାର କରାଯିବ, ସେଠାରେ ସାଧାରଣ ନାଗରିକର ଜୀବନ ଅସମ୍ଭାଳ ହୋଇପଡ଼ିବ। ଅନ୍ୟପଟେ ଡାଟା ସେଣ୍ଟରର ପ୍ରକୃତ ଧନ ଯାହା ହେଉଛି ଅନେକ ପ୍ରକାର ତଥ୍ୟ, ତାହାର ସୁବିଧା ଓ ସୁଯୋଗ ଭାରତ ଏକ ଦେଶ ଭାବେ ଉଠାଇପାରିବ ନାହିଁ। ବିଦେଶୀ କମ୍ପାନୀଗୁଡ଼ିକ ନିଜର ସବୁ ଆଲ୍ ଗୋରିଦିମକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିବେ ବୋଲି ଆରମ୍ଭରୁ ସ୍ପଷ୍ଟ କରିଦିଆଯାଇଛି। ଅନ୍ୟ ଏକ ଉଦାହରଣକୁ ଦେଖିଲେ ସହଜରେ ସମାନ୍ତରାଳ ସ୍ଥିତିକୁ ବୁଝିହେବ। ଭାରତ ଲଢୁଆ ରାଫାଲ ବିମାନ ଫ୍ରାନ୍ସଠାରୁ କିଣିଛି ଓ ଆହୁରି ୧୧୪ଟି କିଣିବ ବୋଲି ଘୋଷଣା ହୋଇଛି। ଏହାପାଇଁ ୨୮ ବିଲିୟନ ଡଲାର ଖର୍ଚ୍ଚ କରାଯିବ।

# ଦହିବରାରେ ଭାଇଚାରାର ଗନ୍ଧ ବାରି ହୋଇପଡ଼େ

**■ ଉପସ୍ଥାପନା : ଡ: ଧର୍ମଛଡା...**

ଯିଏ ଆସିଛି କଟକ, ସିଏ ହୋଇଛି ଅଟକ । ମୁଁ ସେହି କଟକ କଥା କହୁଛି ଯାହାକୁ ଲୋକେ ଓଡ଼ିଶାର ସାଂସ୍କୃତିକ ରାଜଧାନୀ କହିବା ସହିତ ଦହିବରାର ସହର ବୋଲି କହିଥାନ୍ତି। କଟକ ଦହିବରା ଆଳୁଦମ ବିଶ୍ୱ ପ୍ରସିଦ୍ଧ । ସୁସ୍ୱାଦୁ ଦହିବରା ଆଳୁଦମ ବିକ୍ରିରେ କେଉଁ କାଳରୁ କଟର ପ୍ରସିଦ୍ଧି ଲାଭ କରିଛି । କଟକର ପରମ୍ପରା, ଐତିହ୍ୟଠୁ ଆରମ୍ଭ କରି ଖାନା ଖଜାନା ପର୍ଯ୍ୟନ୍ତ ସବୁଥିରେ ଦେଖିବାକୁ ମିଳେ କିଛି ନା କିଛି ସ୍ୱତନ୍ତ୍ରତା। ସେଥିମଧ୍ୟରୁ ଚଟପଟି ଖାଦ୍ୟ ମଧ୍ୟରେ କଟକ ଦହିବରା ଭାରି ସୁଆଦିଆ। କଲେଜ ପଢୁଆ ଛାତ୍ରଛାତ୍ରୀ ହୁଅନ୍ତୁ ବା କର୍ମଜୀବୀ ମହିଳା, ଗୃହିଣୀ ହୁଅନ୍ତୁ କି ବାଟୋଇ, ବୃଦ୍ଧଠାରୁ ଯୁବକ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରିଥାଏ କଟକ ଦହିବରା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲୋକେ କଟକ ବୁଲି ଆସିଥାନ୍ତି କେବଳ ଦହିବରା ଆଳୁଦମ ଖାଇବା ପାଇଁ । 'ଦହିବରା ଆଳୁଦମ୍'କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କଟକର ପ୍ରସିଦ୍ଧ ବ୍ୟବସାୟୀ ରଘୁନାଥ ସାସମଲ, ଯିଏ 'ରଘୁ ମଉସା' ନାମରେ ବେଶ୍ ପରିଚିତ ଥିଲେ । ରଘୁ ମଉସା ଦୀର୍ଘ ବର୍ଷ ଧରି କଟକର ବିଡାନାସୀ ଛକ ନିକଟରେ ଏକ ଟ୍ରଲିରେ ଦହିବରା ଆଳୁଦମ୍ ବିକ୍ରି କରିଆସୁଥିଲେ । ସେ ସନ୍ଧ୍ୟା ୫:୩୦ରେ ସେ ନିଜ ଦୋକାନ ଖୋଲୁଥିଲେ ଏବଂ ତାଙ୍କ ଆସିବା ପୂର୍ବରୁ ହିଁ ବିଡାନାସୀ ଛକରେ ଗ୍ରାହକମାନଙ୍କର ଲମ୍ବା ଲାଇନ ଲାଗିଯାଉଥିଲା । ସେ ପ୍ରତିଦିନ ପ୍ରାୟ ୨୦୦ ଜଣଙ୍କ ପାଇଁ ଦହିବରା ପ୍ରସ୍ତୁତ କରୁଥିବାବେଳେ ଛୁଟି ଦିନମାନଙ୍କରେ ଏହି ସଂଖ୍ୟା ଆହୁରି ବଢିଯାଉଥିଲା । ସେହି ରଘୁ ମଉସା ୨୦୨୫ ମସିହାରେ ୯୧ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ କଟକ ତଥା ସାରା ଓଡ଼ିଶାର ଖାଦ୍ୟପ୍ରେମୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳର ନେତା,ମନ୍ତ୍ରୀ ମଣ୍ଡଳର ସଦସ୍ୟ ମାନେ ଏବଂ ବିଧାୟକ ମାନେ ମଧ୍ୟ ଶୋକ ବ୍ୟକ୍ତ କରିଥିଲେ । ତାଙ୍କ ବିୟୋଗ ସହିତ କଟକର ଏକ ଐତିହ୍ୟବାହୀ ସ୍ୱାଦର ଯୁଗ ଶେଷ ହୋଇଯାଇଛି ବୋଲି ଅନେକେ ମତ ପ୍ରକାଶ କରିଥିଲେ । ତେବେ ଆଜି ରଘୁ ମଉସା ଏବଂ ଦହିବରା ଆଳୁଦମ କଥା ହେବାର କାରଣ ହେଉଛି ଆଜି ହେଉଛି ବିଶ୍ୱ ଦହିବରା ଆଳୁଦମ ଦିବସ । ଏହି ଅବସରରେ କିମ୍ବଦନ୍ତୀ ପୁରୁଷ ରଘୁ ମଉସାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।




ଆଜି ମାର୍ଚ୍ଚ ମାସର ୧ ତାରିଖ , ବିଶ୍ୱ ଦହିବରା ଆଳୁଦମ ଦିବସ । ଦହିବରା ଆଳୁ ଦମ କହିଲେ ଆଖି ଆଗରେ ନାଚି ଉଠେ କଟକର ବାଲିଯାତ୍ରା ପଡ଼ିଆ ବା କିଲ୍ଲା ପଡ଼ିଆ , ବିଡାନାସୀ , କାଫଲା ଫାଣ୍ଡି , କନିକା ଛକ , ଦୋଳମୁଣ୍ଡାଇ , ବିଜୁପଟ୍ଟନାୟକ ଛକ , ଦେଉଳ ସାହି , ବାଲୁବଜାର , କଲେଜ ଛକ , ଚୌଧୁରୀ ବଜାର , ଚାନ୍ଦିନୀଚୌକ, ସିଡିଏ , ସେଲଟର ଛକ , ନୂଆବଜାର , ମହାନଦୀ ବିହାର ଇତ୍ୟାଦି ଇତ୍ୟାଦି । ସବୁଠାରୁ ବଡ଼କଥା ହେଉଛି ବାଉନ ବଜାର ତେପନ ଗଳି , ସବୁଠି ଦହିବରା ଆଳୁ ଦମର ମହମହ ବାସ୍ନାରେ ମହକି ଉଠେ କଟକର ଗଳିକନ୍ଦି । କଟକର ଗଳିକନ୍ଦିରୁ ବାହାରି ବିଶ୍ୱ ସ୍ତରରେ ଓଡିଆଙ୍କୁ ଗର୍ବିତ କରିଛି ଦହିବରା ଆଳୁଦମ୍ । ଜାତୀୟ ସ୍ତରର ଟେଲିଭିଜନରେ ପ୍ରସାରିତ 'ମାଷ୍ଟର ସେଫ୍' ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ପ୍ରଦର୍ଶନୀରେ ଭାଗ ନେଇ କଟକର ଦହିବରା ପ୍ରଶଂସିତ ଏବଂ ପୁରସ୍କୃତ ମଧ୍ୟ ହୋଇଛି । ଓଡିଶାରେ ଏମିତି କେହି ନଥିବେ ଯାହାକୁ ଦହିବରା ପସନ୍ଦ ନଥିବ । ଆଜି ଦହିବରା ଆଳୁଦମ ଦିବସରେ ପ୍ରତ୍ୟେକ୍ଷ ଲୋକ ଦହିବରା ଦିବସ ପାଳନ କରିଥାନ୍ତି । ଦହିବରା.. ନାମ ଯେମିତି , ସ୍ୱାଦ ସେମିତି । ନାଁ ଶୁଣିଲେ ହିଁ ପ୍ରତ୍ୟେକ ଓଡିଆଙ୍କ ମୁହଁରେ ପାଣି ଆସିଯାଇଥାଏ । ସକାଳ ହେଉ କି ସନ୍ଧ୍ୟା ସବୁ ସମୟରେ ଲୋକେ ଦହିବରା ଖାଇବା ପାଇଁ ପସନ୍ଦ କରିଥାନ୍ତି । ଦହିବରା ଖାଇବା ପରେ ରାଗ ଖଟା ଦହିପାଣି ପିଇ ମଜା ନେଇଥାନ୍ତି ଦହିବରା ପ୍ରେମୀ । ଦହିବରା ଆଳୁଦମ୍ ସାଧାରଣତଃ ଓଡିଶାର ପ୍ରତ୍ୟେକ ସ୍ଥାନରେ ମିଳିଥାଏ । କିନ୍ତୁ କଟକ ଦହିବରାର ମଜା ନିଆରା । ଦହିବରାର ବିଭିନ୍ନ ପ୍ରକାରର ଭେରାଇଟି କଟକରେ ପ୍ରସ୍ତୁତ ହୁଏ । କଟକବାସୀ ଦହିବରା ଖାଇ ଦିନ ଆରମ୍ଭ କରନ୍ତି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । କଟକ ଦହିବରା ଆଳୁଦମ ବିଶ୍ୱ ପ୍ରସିଦ୍ଧ । ବଟା ହୋଇଥିବା ବିରିକୁ ପ୍ରଥମେ ତେଲରେ ଛାଣି କିଛି ସମୟ ଦହି ମିଶା ଲୁଣ ପାଣିରେ ପକାଇ ଦିଆଯାଇଥାଏ । ଏହାପରେ ଭୃଷୁଙ୍ଗା ପତ୍ରକୁ ଭାଜି ଧନିଆ ପତ୍ର, ଲଙ୍କା, ପିଆଜ, ଜିରା, ସୋରିଷରେ ଫୁଟଣ କରାଯାଇଥାଏ । ଏହାପରେ ଗୁଗୁନି ଏବଂ ଆଳୁଦମ ପ୍ରସ୍ତୁତ କରାଯାଇଥାଏ । ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତି ଶେଷ ପରେ ବାସ୍ନାରେ ଆଖପାଖ ଅଞ୍ଚଳ । ଆଉ ତା' ଉପରେ ଚୁନା ଚୁନା କଟା ହୋଇଥିବା ପିଆଜ, ସେଉ, କଞ୍ଚାଲଙ୍କା, ଧନିଆପତ୍ର, ବିଟ୍ ଲୁଣକୁ ଟିକେ ଚାଟ୍ ମସାଲା ଦେଇ ପରସା ଦିଆଯାଏ । ଯାହା ଆଳୁଦମର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । ରାଗ ରାଗ ଦହିବରା ସାଙ୍ଗକୁ ଶେଷରେ ଦହିପାଣି ଆହା ଆତ୍ମା ଶାନ୍ତି ହୋଇଗଲା ଭଳି ଲାଗିଥାଏ । କଟକର ଅନେକ ସ୍ଥାନରେ ସ୍ଥାନରେ ଖଟା ଦହିବରା ଏବଂ ମିଠା ଦହିବରା ମିଳିଥାଏ ।

**ସାଧାରଣ ସମ୍ପାଦକ, ନୀଳଶୈଳ ଏବଂ ବିଶ୍ୱ ଓଡ଼ିଆ ସମ୍ମିଳନୀ**
**କାଫଲା ବଜାର, କଟକ-୨**
**ମୋବାଇଲ -୯୧୨୪୮୦୯୯୦୦**

# କେମିକାଲକୁ ନା ହର୍ବାଲକୁ ହଁ

**■ ଦିପ୍ତିମୟୀ ନାୟକ...**

ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପର୍ବପର୍ବାଣି । ଏହି ପର୍ବଗୁଡ଼ିକ ମଧ୍ୟରେ ହୋଲି ବା ଦୋଳ ପୂର୍ଣ୍ଣିମା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ରଙ୍ଗର ପର୍ବ, ଆନନ୍ଦର ପର୍ବ ଏବଂ ଭାତୃଭାବର ପର୍ବ । ବସନ୍ତ ଋତୁର ମୃଦୁ ମଳୟ ଓ ଫଗୁଣର ଫଗୁ ସାରା ପୃଥିବୀକୁ ରଙ୍ଗୀନ କରିଦିଏ । କିନ୍ତୁ ଏବେ ସମୟ ବଦଳିବା ସହ ହୋଲି ଖେଳିବାର ଶୈଳୀ ମଧ୍ୟ ବଦଳିଯାଇଛି । ଆଜିକାଲି ଲୋକମାନେ ଆନନ୍ଦ ଅପେକ୍ଷା କୃତ୍ରିମତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ବିଶେଷ କରି ବଜାରରେ ମିଳୁଥିବା କ୍ଷତିକାରକ ରାସାୟନିକ ବା କେମିକାଲ ରଙ୍ଗ ଏହି ପବିତ୍ର ପର୍ବର ରୂପରେଖ ବିଗାଡ଼ି ଦେଉଛି । ଏଣୁ ବର୍ତ୍ତମାନର ସମୟ ଆହ୍ୱାନ କରୁଛି ଯେ, ଆମେ କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ହୋଲି ବା ପ୍ରାକୃତିକ ହୋଲି ପାଳନ କରିବା ଉଚିତ ।



ତେବେ ହୋଲି ପାଳନ ପଛରେ ଅନେକ ଆଧ୍ୟାତ୍ମିକ କାହାଣୀ ମଧ୍ୟ ରହିଛି। ଶ୍ରୀକୃଷ୍ଣ ଓ ରାଧାଙ୍କର ପବିତ୍ର ପ୍ରେମର ପ୍ରତୀକ ଭାବେ ବୃନ୍ଦାବନରେ ଏହି ଉତ୍ସବ ଖୁବ୍ ଧୁମଧାମରେ ପାଳିତ ହୁଏ । ସେହିପରି ଅସୁର ରାଜା ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ଏବଂ ଭକ୍ତ ପ୍ରହ୍ଲାଦର ବିଜୟକୁ ମନେ ପକାଇ ଏହି ପର୍ବ ପାଳନ କରାଯାଏ । ପୂର୍ବକାଳରେ ଲୋକମାନେ ପ୍ରକୃତିଦତ୍ତ ଉପାଦାନ ଯଥା- ପଳାଶ ଫୁଲ, ହଳଦୀ, ଚନ୍ଦନ ଓ ବିଭିନ୍ନ ପ୍ରାକୃତିକ ପଦାର୍ଥରେ ହୋଲି ଖେଳୁଥିଲେ । ସେତେବେଳେ ହୋଲିର ଅର୍ଥ ଥିଲା ଶରୀର ଓ ମନକୁ ଶୁଦ୍ଧ କରିବା । ବିଂଶ ଶତାବ୍ଦୀର ଶେଷ ଭାଗରୁ ବଜାରରେ ଶସ୍ତା ଓ ଚମକଦାର ରଙ୍ଗର ପ୍ରାଦୁର୍ଭାବ ବଢ଼ିଛି । ଏହି ରଙ୍ଗଗୁଡ଼ିକରେ ସୀସା, ପାରଦ, କ୍ରୋମିୟମ, ଏବଂ କ୍ୟାଡମିୟମ ପରି ଭାରୀ ଧାତୁ ମିଶିଥାଏ । ଅଧିକାଂଶ ସମୟରେ ରଙ୍ଗକୁ ଚମକଦାର କରିବା ପାଇଁ ଏଥିରେ କାଚ ଗୁଣ୍ଡ ଓ ଅନ୍ୟାନ୍ୟ ଏସିଡ୍ ମଧ୍ୟ ବ୍ୟବହାର କରାଯାଏ । ଏହାର କୁପ୍ରଭାବରେ ଚର୍ମ ସମସ୍ୟା,ଆଖି ଉପରେ ପ୍ରଭାବ,ଶ୍ୱାସକ୍ରିୟା ସମସ୍ୟା,ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ଯେମିତିକି ଚର୍ମ ସମସ୍ୟା ହେଲେ ଚର୍ମରେ ଆଲର୍ଜି, ଏକଜେମା, ଏବଂ ଚର୍ମ କର୍କଟ ହେବାର ଆଶଙ୍କା ଥାଏ ।କେମିକାଲ ରଙ୍ଗ ଆଖିରେ ପଡ଼ିଲେ କର୍ଣ୍ଣିଆ ନଷ୍ଟ ହୋଇଯାଏ । ଯାହା ଫଳରେ ମଣିଷ ଅନ୍ଧ ମଧ୍ୟ ହୋଇପାରେ । ପାଉଡର୍ ରୂପରେ ଥିବା ରଙ୍ଗ ନିଶ୍ୱାସ ଦ୍ୱାରା ଫୁସଫୁସକୁ ଯାଇ ଆଜ୍ ?ମା ବା ଶ୍ୱାସରୋଗ ସୃଷ୍ଟି କରେ । ହୋଲି ପରେ ଏହି ରାସାୟନିକ ରଙ୍ଗ ପାଣିରେ ମିଶି ନଦୀ ଓ ନାଳକୁ ପ୍ରଦୂଷିତ କରେ ଯାହା ଜଳଚର ଜୀବମାନଙ୍କ ପାଇଁ ମୃତ୍ୟୁଦୂତ ସଦୃଶ ହୋଇଥାଏ ।

ତେବେ ହର୍ବାଲ ରଙ୍ଗ ହେଉଛି ସମ୍ପୂର୍ଣ୍ଣ ଭାବେ ଗଛଲତା, ଫୁଲ ଏବଂ ଫଳରୁ ପ୍ରସ୍ତୁତ ହୋଇଥିବା ରଙ୍ଗ । ଏଥିରେ କୌଣସି ବିଷାକ୍ତ ପଦାର୍ଥ ନଥାଏ । ଏହା ଚର୍ମ ପାଇଁ ଅତ୍ୟନ୍ତ ସୁରକ୍ଷିତ ଏବଂ ଉପକାରୀ । ହର୍ବାଲ ରଙ୍ଗର ବ୍ୟବହାର ଦ୍ୱାରା ହୋଲିର ପ୍ରକୃତ ଆନନ୍ଦ ମିଳିଥାଏ । ଏହା କେବଳ ଆମ ସ୍ୱାସ୍ଥ୍ୟ ନୁହେଁ ବରଂ ପରିବେଶକୁ ମଧ୍ୟ ସୁରକ୍ଷିତ ରଖିଥାଏ । ତେଣୁ ଘରୋଇ ଉପାୟରେ ହର୍ବାଲ ରଙ୍ଗ ପ୍ରସ୍ତୁତ କରନ୍ତୁ । ହଳଦୀ ଗୁଣ୍ଡ ସହିତ ବେସନ ବା ମଇଦା ମିଶାଇ ସୁନ୍ଦର ହଳଦିଆ ରଙ୍ଗ ପ୍ରସ୍ତୁତ କରନ୍ତୁ ।ଶୁଖିଲା ମନ୍ଦାର ଫୁଲର ପାଖୁଡ଼ାକୁ ଗୁଣ୍ଡ କରି କିମ୍ବା ରକ୍ତଚନ୍ଦନ ବ୍ୟବହାର କରି ନାଲି ରଙ୍ଗ ପ୍ରସ୍ତୁତ କରନ୍ତୁ ।ମେହେନ୍ଦୀ ଗୁଣ୍ଡ, ପାଳଙ୍ଗ ଶାଗର ରସ କିମ୍ବା ନିମ୍ବ ପତ୍ରର ବ୍ୟବହାର କରି ସବୁଜ ରଙ୍ଗ ପ୍ରସ୍ତୁତ କରନ୍ତୁ । ଏହା ଶରୀର ପାଇଁ ଉପକାରୀ ହୋଇଥାଏ । ବିଟକୁ ପାଣିରେ ସିଝାଇ ସେଥିରୁ ପ୍ରାକୃତିକ ବାଇଗଣୀ ରଙ୍ଗ ପ୍ରସ୍ତୁତ କରନ୍ତୁ । ଦେଖିବେ ଏହିସବୁ ରଙ୍ଗ ଆଗରେ ବଜାରର ରଙ୍ଗ ଫିକା ପଡ଼ିଯିବ । କେବଳ ନିଜେ ସୁରକ୍ଷିତ ରହିଲେ ହେବ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ପଡ଼ିବ । ଗାଁଠୁ ସହର ସବୁଠି କେମିକାଲକୁ ନା, ହର୍ବାଲକୁ ହଁ ସ୍ଲୋଗାନ ପହଞ୍ଚିବା ଆବଶ୍ୟକତା ରହିଛି । ବିଦ୍ୟାଳୟ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ହୋଲିର ମହତ୍ତ୍ୱ ବୁଝାଇବା ଉଚିତ।

ରଙ୍ଗ ଖେଳିବା ପୂର୍ବରୁ ସାରା ଶରୀରରେ ନଡ଼ିଆ ତେଲ ବା ମୋଇସ୍ଚରାଇଜର୍ ଲଗାନ୍ତୁ । ଆଖିରେ ଚଷମା ପିନ୍ଧନ୍ତୁ ଯେପରି ରଙ୍ଗ ଭିତରକୁ ନଯାଏ । ପାଣି ନଷ୍ଟ କରନ୍ତୁ ନାହିଁ କାରଣ ହୋଲିରେ ଅତ୍ୟଧିକ ପାଣିର ଅପବ୍ୟୟ ଏକ ଗମ୍ଭୀର ସମସ୍ୟା ହୋଇଥାଏ । ପଶୁପକ୍ଷୀଙ୍କ ଉପରେ ରଙ୍ଗ ପକାନ୍ତୁ ନାହିଁ କାରଣ ଏହି କେମିକାଲ ସେମାନଙ୍କ ପାଇଁ ପ୍ରାଣଘାତୀ ହୋଇଥାଏ ।

ତେବେ ହୋଲି ହେଉଛି ସମ୍ପର୍କର ରଙ୍ଗ । ଏହି ପର୍ବରେ କ୍ରୋଧ, ହିଂସା ଓ ଅହଂକାରକୁ ଭୁଲି ଏକ ନୂତନ ଜୀବନ ଆରମ୍ଭ କରିବାର ସଂକଳ୍ପ ନିଆଯାଏ । ତେଣୁ ଏହି ରଙ୍ଗୀନ ପର୍ବ ଯେମିତି କାହାର ଦୁଃଖର କାରଣ ନହୁଏ । ସେଥିପ୍ରତି ଆମେ ସତର୍କ ରହିବା ଉଚିତ । କେମିକାଲ ରଙ୍ଗକୁ ବର୍ଜନ କରି ହର୍ବାଲ ରଙ୍ଗରେ ହୋଲି ଖେଳିଲେ ପ୍ରକୃତି ମଧ୍ୟ ଖୁସି ହେବ ଏବଂ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ଆସନ୍ତୁ ଏହି ବର୍ଷ ହୋଲିରେ ଆମେ ସ୍ନେହର ରଙ୍ଗରେ ରଙ୍ଗୀନ ହେବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ।

**ଯୁବ ସାମ୍ବାଦିକା**
**ଭୁବନେଶ୍ୱର, ମୋ.-୯୦୯୦୬୬୧୫୮୬**

### ମାର୍ଚ୍ଚ ୫ ତାରିଖରେ ଦୁଇ ଦିନିଆ ଓଡ଼ିଶା ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ

# ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ



ଭୁବନେଶ୍ୱର : ଆସନ୍ତା ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡିଶାରେ ପହଁଚିବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତ ସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର, ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ , ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ । ସେଦିନ ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରମନ୍ତ୍ରୀଙ୍କ ସିଆଇଏସଏଫର ପ୍ରତିଷ୍ଠା ଦିବସରେ ଯୋଗଦାନ ଗସ୍ତକୁ ଦୃଷ୍ଟିରେ ରଖି ଗୋଡ଼ିସାହିରୁ ମୁଣ୍ଡୁଳି ରାସ୍ତାର ବ୍ଲାକ୍ ଟପିଂ ସହିତ ଆଲୋକୀକରଣ, ପରିଷ୍କାର ପରିଚ୍ଛନ୍ନତା ଓ ଆବଶ୍ୟକ ସୌନ୍ଦର୍ଯ୍ୟକରଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଆଭାସୀ ମାଧ୍ୟମରେ କଟକ ଜିଲ୍ଲାପାଳ ଯୋଗଦେଇଥିଲେ । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପନ୍ନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରାଯିବାକୁ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏହି ପରିପ୍ରେକ୍ଷୀରେ ବିଭନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି. ଖୁରାନିଆ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ବିଏମସି କମିଶନର, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସହିତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଓ ପୁଲିସ୍ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ମୁଖ୍ୟ ଶାସନ ସଚିବଙ୍କ ଲୋକ ସଂପର୍କ ଅଧିକାରୀ ପଠାଣି ରାଉତଙ୍କ ଠାରୁ ସୂଚନା ।

# ୨ମାସ ମଧ୍ୟରେ ୨୫% ବଢିଲାଣି ସୁନା ଓ ରୁପା ଦର

ଭୁବନେଶ୍ୱର, ୨୮/୨ (ଅମରେନ୍ଦ୍ର) : ଫେବ୍ରୁଆରି ମାସର ଶେଷ ଦିନରେ ସୁନା ଓ ରୁପା ଦରରେ ବଡ଼ବୃଦ୍ଧି ଦେଖିବାକୁ ମିଳିଛି । ଶନିବାର ରୁପା ଦର କିଲୋଗ୍ରାମ୍ ପିଛା ୨୫ ହଜାର ଟଙ୍କା ବଢ଼ି ୩,୨୦,୦୦୦ ଟଙ୍କାରେ ପହଞ୍ଚିଛି । ସେହିଭଳି ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୭୧୪୦ ଟଙ୍କା ବୃଦ୍ଧି ଘଟି ୧,୬୮,୭୧୦ ଟଙ୍କାରେ ପହଞ୍ଚିଛି । ୨୨ କ୍ୟାରେଟ୍ ସୁନା ଦର ୬୫୫୦ ଟଙ୍କା ବୃଦ୍ଧି ପାଇ ୧,୫୪,୬୫୦ ଟଙ୍କା ହୋଇଛି । ଫେବ୍ରୁଆରି ମାସର ରୁପା ଦର ଉପରେ ନଜର ପକାଇଲେ ଜଣାଯାଏ ଯେ ଚଳିତମାସ ୧ ତାରିଖରେ ଏହି ଧାତୁ ମୂଲ୍ୟ କିଲୋଗ୍ରାମ ପିଛା ମଧ୍ୟ ୩,୨୦,୦୦୦ ଟଙ୍କାରେ ରହିଥିଲା । ତେଣୁ ଆଜି ସେହି ସମାନ ସ୍ତରରେ ରହିଛି । ଗତ ୧୮ ତାରିଖରେ ରୁପା ଦର ୨,୬୦,୦୦୦ ଟଙ୍କାରେ ରହିଥିଲା । ସେହିଭଳି ଜାନୁଆରି ମାସ ଆରମ୍ଭରେ ରୁପା ଦର କିଲୋଗ୍ରାମ ପିଛା ୨,୫୬,୦୦୦ ଟଙ୍କା ଥିଲା । ତେଣୁ ଚଳିତବର୍ଷର ପ୍ରଥମ ଦୁଇ ମାସରେ ରୁପା ଦର ୬୪ ହଜାର ଟଙ୍କା ବା ୨୫ ପ୍ରତିଶତ ମହଙ୍ଗା ହୋଇଛି । ସେହିଭଳି ସୁନା ଦର ଫେବ୍ରୁଆରି ମାସରେ ୫.୦୬ ପ୍ରତିଶତ ମହଙ୍ଗା ହୋଇଛି । ଫେବ୍ରୁଆରି ପହିଲାରେ ୨୪ ଓ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ଯଥାକ୍ରମେ ୧,୬୦,୫୮୦ ଟଙ୍କା ଏବଂ ୧,୪୭,୨୦୦ ଟଙ୍କା ଥିଲା । ଜାନୁଆରି ପହିଲାରେ ଏହି ଦର ଯଥାକ୍ରମେ ୧,୩୫,୦୬୦ ଏବଂ ୧,୨୩,୮୦୦ ଟଙ୍କା ଥିଲା । ତେଣୁ ଚଳିତବର୍ଷର ପ୍ରଥମ ଦୁଇ ମାସରେ ସୁନା ଦର ପାଖାପାଖି ୨୫ ପ୍ରତିଶତ ମହଙ୍ଗା ହୋଇଛି ।

# ସ୍ୱର୍ଗତ ଗୌରାଙ୍ଗ ରଣାଙ୍କ ଶ୍ରଦ୍ଧାଞ୍ଜଳି ସଭା



କଟକ : ୫୨ନଂ ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ର ନଗର ନିବାସୀ ସ୍ୱର୍ଗତ ଗୌରାଙ୍ଗ ରଣାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ସ୍ୱର୍ଗତ ରଣାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ଶୋକ ସଂପୃକ୍ତ ପରିବାରକୁ ଭେଟି ସମବେଦନା ଜଣାଇ ସ୍ୱାର୍ଗତ ଆତ୍ମାର ସଦଗତୀ କାମନା କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନାଙ୍କ ସମେତ ଅଞ୍ଚଳବାସୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ରଣାଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।




ଷ୍ଟେସନ

'ହିମୁ' କଲିକତାରେ ଚାକିରି କରୁଥିଲା । ଛୁଟିରେ ଘରକୁ ଆସିଥିଲା ଓ ଛୁଟି ପରେ ସେ ଟ୍ରେନ୍‌ରେ କଲିକତା ଫେରୁଥିଲା ।

ଟ୍ରେନ୍‌ରେ 'ହିମୁ' ପାଖରେ ଜଣେ ଲୋକ ବସିଥିଲା । ପ୍ରତ୍ୟେକ ଷ୍ଟେସନରେ ଟ୍ରେନ୍ ରହିଲାପରେ ସେ 'ହିମୁ'କୁ ପଚାରୁଥିଲା ।

ଏଇଟା କୋଉ ଷ୍ଟେସନ୍ ?

'ହିମୁ' କିଛି ଉତ୍ତର ନଦେଇ ଚୁପ୍ ରହିଲା ।

ପୁଣି ପର ଷ୍ଟେସନ୍‌ରେ ଟ୍ରେନ୍ ରହିଲା ପରେ ଲୋକଟି ପୁଣି ପଚାରିଲା ।

ଏଇଟା କୋଉ ଷ୍ଟେସନ୍ ?

'ହିମୁ' ପୁଣି ଚୁପ୍ ରହିଲା ।

(କାରଣ ପୂର୍ବଥର ଷ୍ଟେସନ୍‌ର ନା 'ମୁଁ ଜାଣିନି' କହିଥିବାରୁ ସେ ମାଡ଼ ଖାଇଥିଲା ।)

ପୁଣି ଗୋଟେ ଷ୍ଟେସନ୍‌ରେ ଟ୍ରେନ୍ ରହିବା ପରେ ଲୋକଟି ପୁଣି ପଚାରିଲା । ଏଇଟା କୋଉ ଷ୍ଟେସନ୍ ଏଥର କିନ୍ତୁ 'ହିମୁ' ଚୁପ୍ ନରହି ରାଗିଗଲା ଏବଂ ସେ ଲୋକୁ ୨ ଚାପୁଡ଼ା ପକାଇଲା ଓ କହିଲା ଶୁଣ !

ଏଇଟା ହେଉଛି ରେଳ ଷ୍ଟେସନ୍

ଯା ପରେ ଯୋଉଟା ଆସିବ ସେଇଟା ଭି ରେଳ ଷ୍ଟେସନ୍ ଓ ତାପରେ ଭି ଯୋଉଟା ଆସିବ ସେଇଟା ଭି ରେଳଷ୍ଟେସନ୍ ।

ଏକାଥରେ ସବୁ ଷ୍ଟେସନ୍‌ର ନାଁ କହିଥିଲି ।

ବାରମ୍ବାର ପଚାରି ମୋତେ ବିରକ୍ତ କରିବୁ ନାହିଁ ।

**ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି**

## ପ୍ରଥମ ପୃଷ୍ଠାରୁ...

**୧୦୯ଟି :** ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷଣ କରାଯାଇଛି । ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ସେ କହିଥିଲେ ଯେ ବ୍ୟବସାୟ କରିବାର ସହଜତା କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ଗ୍ଲୋବାଲ୍ ଦକ୍ଷତା କେନ୍ଦ୍ରଗୁଡିକ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି । ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ ।

ସେ କହିଥିଲେ ଯେ, ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି । ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଜିଏସ୍‌ଡିପି ର ୬.୫ ପ୍ରତିଶତ । ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା ଏଫ୍‌ଆରବିଏମ୍ ସୀମାଠାରୁ ଯଥେଷ୍ଟ କମ୍ । ସେ ଆହୁରି କହିଥିଲେ ଯେ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି । ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କର ଭରସା ବଢ଼ିଛି । ୨୦୨୪–୨୫ ମସିହାରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି ।

**ଟିଟିପି :** ଉପରେ ହୋଇଥିବା ଅନେକ ବଡ଼ ଆକ୍ରମଣ ପାଇଁ ଟିଟିପି ଦାୟୀ ବୋଲି ଦାବି କରିଛି । ଆଫଗାନ ତାଲିବାନ ମଧ୍ୟ ପାକିସ୍ତାନୀ ସୀମା ପୋଷ୍ଟ ଉପରେ ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି । ସେମାନଙ୍କ ଅନୁଯାୟୀ, ସଦ୍ୟତମ ଆକ୍ରମଣରେ ୪୦ ସୈନିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ପୋଷ୍ଟ କବଜା କରାଯାଇଛି । ଏହା ପୂର୍ବରୁ ଶୁକ୍ରବାର, ତାଲିବାନର ଏକ ଆକ୍ରମଣରେ ୫୫ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିବା ଦାବି କରାଯାଇଥିଲା । ଆଫଗାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ପାକଟିଆ ପ୍ରଦେଶରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ପାକିସ୍ତାନୀ ସେନା ଆକ୍ରମଣ କରିଥିଲା । ଏହାର ଜବାବରେ ଆଫଗାନ ବାୟୁସେନା ପାକିସ୍ତାନର ରାଜଧାନୀ ଇସଲାମାବାଦ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣ ସାମରିକ ପ୍ରତିଷ୍ଠାନ ତଥା ସମ୍ବେଦନଶୀଳ ଲକ୍ଷ୍ୟସ୍ଥଳକୁ ଲକ୍ଷ୍ୟ କରି କରାଯାଇଥିଲା । ଜାରି ହୋଇଥିବା ଭିଡିଓଗୁଡ଼ିକରେ ଇସଲାମାବାଦର ବିଭିନ୍ନ ଅଞ୍ଚଳରେ ବିସ୍ଫୋରଣ ଏବଂ ନିଆଁ ଲାଗିଥିବାର ଦେଖାଯାଇଥିଲା । ଆଫଗାନ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଇନାୟତୁଲ୍ଲା ଖାୱାରାଜମି କହିଛନ୍ତି, ଫୈଜାବାଦ ଅଞ୍ଚଳ ନିକଟରେ ଏକ ସାମରିକ ଶିବିର, ନୌଶେରାରେ ସାମରିକ ମୁଖ୍ୟାଳୟ, ଜାମରୁଦ ଏବଂ ଆବୋଟାବାଦରେ ସାମରିକ ସହର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ପରିସ୍ଥିତି ଯୁଦ୍ଧ ଆଡ଼କୁ ଗତି କରୁଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି । କାବୁଲ, କାନ୍ଦାହାର ଏବଂ ପାକଟିଆ ଭଳି ଆଫଗାନିସ୍ତାନ ସହର ଉପରେ ପାକିସ୍ତାନ ପକ୍ଷରୁ ବିମାନ ଆକ୍ରମଣ କରାଯାଇଥିଲା । ଆଫଗାନିସ୍ତାନ ସୀମାପାର ଆକ୍ରମଣ ଏବଂ ଡ୍ରୋନ୍ ଆକ୍ରମଣ ମାଧ୍ୟମରେ ପାକିସ୍ତାନକୁ କଡ଼ା ଜବାବ ଦେଇଛି ।

**ନିର୍ଦ୍ଦୋଷରେ :** କୋର୍ଟ ୬୦୦ ପୃଷ୍ଠାର ଆଦେଶରେ କହିଛନ୍ତି, ଗୋଟଇଏ ବି ପ୍ରମାଣ ନାହିଁ । ଏହା ପୂରା ଷଡଯନ୍ତ୍ର ଥିଲା । ଦେଶକୁ କ୍ଷମା ମାଗିବା ଉଚିତ । ସେମାନେ ଦେଖିଲେ ଦିଲ୍ଲୀରେ ହରାଇ ପାରିବେ ନାହିଁ । ତେଣୁ ଏମିତି ଅକ୍ଷମଣୀୟ ଷଡଯନ୍ତ୍ର ରଚିଲେ । ସେମାନେ ଜାଣିଥିଲେ କେଜ୍ରିୱାଲ ଜଣେ ସଚ୍ଚୋଟ ଲୋକ, ତାଙ୍କ ସଚ୍ଚୋଟତା ଉପରେ ଆକ୍ରମଣ କରାଯାଉ । ଭ୍ରଷ୍ଟାଚାରର ଅଭିଯୋଗ ଲଗାଇ ସେମାନେ ୧୦୦ କୋଟି ଟଙ୍କା ଖାଇଗଲେ । କୋର୍ଟଙ୍କ ନିର୍ଦ୍ଦେଶ ଏହା ପ୍ରମାଣିତ କରୁଛି ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ, ସଞ୍ଜୟ ସିଂହ ଏବଂ ଦୁର୍ଗେଶ ପାଠକ ସମ୍ପୂର୍ଣ୍ଣ ସଚ୍ଚୋଟ ।

କେବଳ ବିଜେପି ନୁହେଁ, ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସକୁ ବି ଟାର୍ଗେଟ କରିଛନ୍ତି କେଜ୍ରିୱାଲ । ସେ କହିଛନ୍ତି, ଆମ ପରିବାର ବହୁତ କିଛି ସହିଛି । ଆମେ ଓ ଆମ ପରିବାର ଗୁରୁତ୍ୱପୂର୍ଣ୍ଣ ନୁହେଁ । ହେଲେ ଦିଲ୍ଲୀବାସୀ ଏହାର ପରିଣାମ ଭୋଗୁଛନ୍ତି । ମୋଦି ଜୀଙ୍କୁ ଚ୍ୟାଲେଞ୍ଜ ଦେଉଛି, ଆଜି ନିର୍ବାଚନ କରନ୍ତୁ, ୧୦ରୁ ଅଧିକ ସିଟ ଜିତିପାରିବେନି । ଆଗକୁ କହିଛନ୍ତି, ଆଜି ଆମେରିକା ଆମକୁ ଆଖି ଦେଖାଉଛି । ଟ୍ରମ୍ପ ପ୍ରତିଦିନ ଗାଳି ଦେଉଛନ୍ତି, ହେଲେ ମୋଦି ଜୀ ପୂରା ଚୁପ୍ । ସେ ପ୍ରଶ୍ନ କରିଛନ୍ତି, କେଜ୍ରିୱାଲ, ସିସୋଦିଆ ଜେଲ ଯାଆନ୍ତୁ ହେଲେ ରୋବର୍ଟ ଭଦ୍ରା, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଜେଲ ଗଲେ କି ? କଂଗ୍ରେସ କେଉଁ ମୁହଁରେ କହୁଛି । ଇଡି ମାମଲା ଶେଷ ହୋଇଯାଇଛି । ଆମେ ଆଗାମୀ ସପ୍ତାହରେ ଆପ୍ଲିକେଶନ ଦେବୁ । ସେ ପୁଣି କହିଛନ୍ତି, କୋର୍ଟ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ଆମ ପରିବାର ବହୁତ ସହିଛନ୍ତି । ଏହା କେବଳ ଏକ ମାମଲା ନୁହେଁ, ପୂରା ସିଷ୍ଟମକୁ ଚ୍ୟାଲେଞ୍ଜ କରିବାର କଥା । ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଜେଲରେ ପୂରାଇ ଦେଲ । ଆଗକୁ ଯେଉଁଠି ଯେଉଁଠି ବିଜେପି ସରକାର ଆସିବନି ସେଠିକାର ମୁଖ୍ୟମନ୍ତ୍ରୀଙ୍କୁ ଏମାନେ ଜେଲରେ ପୂରାଇ ଦେବେ ।

**ସଂତୃପ୍ତ :** ସମସ୍ତଙ୍କ ସହଯୋଗ କାମନା କରୁଛି । ତେବେ କାହାକୁ କେଉଁ ଦଳ କରିବ ପ୍ରାର୍ଥୀ, କିଏ ସଂସଦର ଉଚ୍ଚସଦନକୁ ଯିବାକୁ ପାଇବ ଟିକେଟ, ତାକୁ ନେଇ ରାଜ୍ୟବାସୀ ଓ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ଠାରେ ଥିଲା ଉତ୍କଣ୍ଠା । ଏସବୁ ଭିତରେ ନବୀନ ନିବାସରେ ପ୍ରାର୍ଥୀ ନେଇ ଚାଲି ଥିଲା ଅଙ୍କକଷା । ନବୀନ ନିବାସରେ ଡାକ୍ତର ଦଣ୍ଡେଶ୍ୱର ହୋତା ପହଞ୍ଚିବା ପରେ ବଢ଼ିଥିଲା ଚର୍ଚ୍ଚା । ସଂତୃପ୍ତ ମିଶ୍ର ବି ନବୀନ ନିବାସରେ ଥିଲେ । କାହାକୁ ରାଜ୍ୟସଭା ପାଇଁ ଟିକେଟ୍ ମିଳିବ ତାକୁ ନେଇ ଥିଲା ଅପେକ୍ଷା । ଶାସକ ଦଳ ବିଜେପି ଓ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ ଚାଲିଥିଲା ଜୋରଦାର କସରତ ତିନି ଦଳରେ ଘନଘନ ଚାଲିଥିଲା ମାନସମନ୍ଥନ । ଏସବୁ ଭିତରେ ଆଜି ବିଜୁ ଜନତା ଦଳ ନିଜର ପ୍ରାର୍ଥୀ ଘୋଷଣା କରିଛି ।

**ଓଡ଼ିଶା ଭିଜିଲାନ୍ସ :** ମାସିକିଆ ଚାନ୍ଦା ଭିଡୁଥିଲେ । କଟକ ସର୍କଲ୍‌କୁ ପ୍ରାୟ ୩ ମାସ ହେଲା ଆସି ଲାଞ୍ଚ ନେଇ ଚହଳ ସୃଷ୍ଟି କରିଆସୁଥିବା ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି । ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଦାବି ମୁତାବକ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଗତପୁରସ୍ଥିତ ସର୍କଲ୍ କାର୍ଯ୍ୟାଳୟରୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଟିମ୍ ତାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଖଣି ଉପନିର୍ଦ୍ଦେଶକ ଶ୍ରୀ ମହାନ୍ତିଙ୍କ ପାଖରୁ ଭିଜିଲାନ୍ସ ଟିମ୍ କେମିକାଲ୍ ବୋଳା ୫ ଟଙ୍କିଆ ନୋଟ୍ ଜବତ କରିଥିବାରୁ ସେ ଅକଳରେ ପଡ଼ିଛନ୍ତି । ଉପନିର୍ଦ୍ଦେଶକ ଭିଜିଲାନ୍ସରେ ଧରାପଡ଼ିବା ଘଟଣା ଖଣି ବିଭାଗରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

# ପୂର୍ବତଟ ରେଳପଥର ୧୩୨ଟି ହୋଲି ସ୍ପେଶାଲ୍ ଟ୍ରେନ୍

## ପୂର୍ବତଟ ରେଳପଥ ମଧ୍ୟଦେଇ ଅତିରିକ୍ତ ୧୫୦ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ଯାତାୟାତ

ଭୁବନେଶ୍ୱର : ଆସନ୍ତା ହୋଲି ପର୍ବ ସମୟରେ ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ପ୍ରଦାନ କରିବା ପାଇଁ, ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରୁ ୧୩୨ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ଘୋଷଣା କରିଛି। ଏହାସହିତ, ଦେଶର ବିଭିନ୍ନ ପ୍ରାନ୍ତରୁ ଆରମ୍ଭ ହେଉଥିବା ଅନ୍ୟ ୧୫୦ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅଧୀନସ୍ଥ ବିଭିର୍ଣ୍ଣ ଷ୍ଟେସନ୍‌ମାନଙ୍କରେ ରହଣି କରି ଗତି କରିବ, ଯାହା ଏହି ପାର୍ବଣ ଋତୁର ଭିଡ଼ ସମୟରେ ଯାତ୍ରା କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ପ୍ରତିବର୍ଷ, ହୋଲି ସମୟରେ ଯାତ୍ରୀଙ୍କ ଗତିବିଧି ଯଥେଷ୍ଟ ପରିମାଣରେ ବୃଦ୍ଧି ପାଏ କାରଣ ଲୋକମାନେ ସେମାନଙ୍କ ପରିବାର ସହିତ ପର୍ବ ପାଳନ କରିବାକୁ ଯାତ୍ରା କରନ୍ତି। ଏହାକୁ ଦୃଷ୍ଟିରେ ରଖି, ଏହି ସ୍ୱତନ୍ତ୍ର ଟ୍ରେନ୍ ଫେବୃଆରୀ ଶେଷ ସପ୍ତାହରୁ ୨୦୨୬ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅଧିକ ଚାହିଦା ଥିବା ରୁଟରେ ପରିଚାଳିତ ହେଉଛି। ଏହି ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ପୂର୍ବ ତଟ ରେଳପଥ କ୍ଷେତ୍ରାଧିକାରରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକୁ ସଂଯୋଗ କରିବ। ପ୍ରମୁଖ ରୁଟ୍‌ଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ଭୁବନେଶ୍ୱର – ଯଶବନ୍ତପୁର,ଭୁବନେଶ୍ୱର – ଧନବା.ସମ୍ବଲପୁର – ଇରୋଡ୍ ପୁରୀ – ପାଟନା,ବିଶାଖାପାଟଣାରୁ ମଧ୍ୟ ଅନେକ ସ୍ୱତନ୍ତ୍ର ଟ୍ରେନ ଦେଶର ବିଭିନ୍ନ ପ୍ରାନ୍ତ ଅଭିମୁଖେ ପରିଚାଳିତ ହେଉଛି । ପୂର୍ବତଟ ରେଳପଥରୁ ବାହାରୁଥିବା ଟ୍ରେନଗୁଡ଼ିକ ବ୍ୟତୀତ, ଏର୍ଣ୍ଣାକୁଲମ, ବରୌନୀ, ଦିଲ୍ଲୀ, ପାଟନା, ଭୁସାଭଲ, ମୁଜାଫରପୁର, ସାନ୍ତ୍ରାଗାଛି, ତିରୁବନନ୍ତପୁରମ, ନାହରଲାଗୁନ, ଟାଟା, ବେଙ୍ଗାଲୁରୁ, ଗୋମତୀ ନଗର, ଚେନ୍ନାଇ ଏବଂ କୋଲକାତା ଭଳି ପ୍ରମୁଖ ସହରଗୁଡ଼ିକରୁ ପ୍ରାୟ ୧୫୦ଟି ହୋଲି ସ୍ପେଶାଲ୍ ଟ୍ରେନ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅନ୍ତର୍ଗତ ବିଭିନ୍ନ ଷ୍ଟେସନ ଦେଇ ଯାତ୍ରା କରିବ, ଯାହା ସଂଯୋଗୀକରଣ ଏବଂ ଯାତ୍ରୀଙ୍କ ସୁବିଧାକୁ ଆହୁରି ବୃଦ୍ଧି କରିବ। ଭିଡ଼ ପରିଚାଳନା ଏବଂ ଯାତ୍ରୀ ସୁବିଧା ବ୍ୟବସ୍ଥା ପାର୍ବଣ ଋତୁର ଭିଡ଼କୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅଧୀନସ୍ଥ ପ୍ରମୁଖ ଷ୍ଟେସନଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯାତ୍ରୀ ପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଏବଂ ବିଶାଖାପାଟଣା ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ବିଶେଷ 'ହୋଲ୍ଡିଂ ଏରିଆ' ଚିହ୍ନିତ କରାଯାଇଛି। ଭିଡ଼କୁ ରୋକିବା ପାଇଁ ବ୍ୟସ୍ତବହୁଳ ସମୟରେ ପ୍ଲାଟଫର୍ମରେ ନିୟନ୍ତ୍ରିତ ପ୍ରବେଶ ସୁନିଶ୍ଚିତ କରାଯିବ। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଶୃଙ୍ଖଳିତ ବୋର୍ଡିଂ ସୁବିଧା ପାଇଁ ଉପଯୁକ୍ତ ବ୍ୟାରିକେଡିଂ ସହିତ ଧାଡି ବ୍ୟବସ୍ଥା ଯୋଜନା କରାଯାଇଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅତିରିକ୍ତ ରେଳ ସୁରକ୍ଷା ବଳ (ଜଟର) କର୍ମଚାରୀ ଏବଂ କମରସିଆଲ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିରନ୍ତର ସାର୍ବଜନୀନ ଘୋଷଣା ଦ୍ୱାରା ଯାତ୍ରୀମାନେ ଟ୍ରେନର ଆଗମନ, ପ୍ଲାଟଫର୍ମ ନମ୍ବର ଇତ୍ୟାଦି ବିଷୟରେ ଅବଗତ ରହିବେ। ଉନ୍ନତ ସଫେଇ ଏବଂ ପରିମଳ ଷ୍ଟେଶନ ଏବଂ ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ସଫେଇ ଅଭିଯାନ ହାତକୁ ନିଆଯାଉଛି। ପ୍ଲାଟଫର୍ମ, ସଞ୍ଚାଳିତ କ୍ଷେତ୍ର, ପ୍ରତୀକ୍ଷାଳୟ ଏବଂ ଶୌଚାଳୟଗୁଡ଼ିକୁ ନିୟମିତ ବ୍ୟବଧାନରେ ସଫା କରାଯାଉଛି। ଅଧିକ ଭିଡ଼ ସମୟରେ ସ୍ୱଚ୍ଛତା ଏବଂ ପରିମଳ ବଜାୟ ରଖିବା ପାଇଁ ଅତିରିକ୍ତ ହାଉସକିପିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପାନୀୟ ଜଳ ଏବଂ କାର୍ଯ୍ୟକ୍ଷମ ଶୌଚାଳୟ ସୁବିଧାର ପର୍ଯ୍ୟାପ୍ତ ଉପଲବ୍ଧତା ମଧ୍ୟ ସୁନିଶ୍ଚିତ କରାଯାଉଛି। ରେଳବାଇର ବରିଷ୍ଠ ଅଧିକାରୀମାନେ ପାର୍ବଣ ଋତୁରେ ଟ୍ରେନ୍ ଚଳାଚଳ ଏବଂ ଯାତ୍ରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ରାଜ୍ୟର ସବୁଠାରୁ ବଡ଼ ବନ୍ଦର ହେବ ସୋନପୁରରେ ଥିବା ବାହୁଦା ମୁହାଣରେ



ଚିକିଟି, (ନିଗମାନନ୍ଦ ପଣ୍ଡା ):ଆଜି ସୋନପୁରରେ ପହଞ୍ଚି ଭିତ୍ତିଭୂମି ପରଖିଥିଲେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ, ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ । ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ହେବ ବାହୁଦା ମୁହାଣ ବନ୍ଦର । ୧୫୦ ଏମପିପି କାର୍ଗୋ ପରିବହନ କରିବାର କ୍ଷମତା ରଖିବ ଏହି ବନ୍ଦର । ବନ୍ଦର ପାଇଁ ୫ ହଜାର ଏକର ଲୁଣ ଜମି ପୋର୍ଟ ଓ ସିପିଙ୍ଗ ବିଭାଗକୁ ହସ୍ତାନ୍ତର ହୋଇଥିବା ବେଳେ ବଳକା ୧୭୪୧ ଏକର ଜମି ଆନ୍ଧ୍ର ଅଞ୍ଚଳରେ ଥିବା ବେଳେ ତାହାକୁ ଅଣାଯିବ । ପାରାଦୀପ ପୋର୍ଟ ଲିମିଟେଡ, ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଗତ ୧୯ ସେପଟ୍ମେବରରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି । ସେପଟେ ଏହି ବନ୍ଦର ହେଲେ ଶହ ଶହ ସ୍ଥାନୀୟ ଲୋକେ ରୋଜଗାର ପାଇପାରିବେ ବୋଲି ଆଶା ରଖିଛନ୍ତି ସ୍ଥାନୀୟ ବାସିନ୍ଦା । ଗୋପାଳପୁର ପରେ ବର୍ତ୍ତମାନ ସୋନପୁରରେ ଥିବା ବାହୁଦା ନଦୀ ମୁହାଣରେ ହେବ ବଡ ବନ୍ଦର । ଆଜି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସମାନ୍ତରା, ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ସହ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ । ରାଜ୍ୟରେ ରହିଥିବା ଧାମରା, ପାରାଦୀପ, ଗୋପାଳପୁର ବନ୍ଦର ଠାରୁ ବଡ଼ ବନ୍ଦର ହେବ ସୋନପୁର ବନ୍ଦର । । ବନ୍ଦର ପାଇଁ ଆବଶ୍ୟକ ରହିଥିବା ଭିଜିବିଲଟି ରିପୋର୍ଟ ପାଇଁ ପ୍ରାଥମିକ ସର୍ଭେ ହୋଇସାରିଛି । ମତ୍ସ୍ୟଜୀବୀ ମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖାଯାଇ ବନ୍ଦର ନିର୍ମାଣ ହେବ ଓ ଶହ ଶହ ଲୋକେ ନିଯୁକ୍ତି ପାଇପାରିବେ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ । ସେପଟେ ଏହି ବନ୍ଦରକୁ ପିପିପି ମୋଡରେ କରାଯିବ । ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଚିକିଟି ବିଧାୟକ । ସେପଟେ ବନ୍ଦରକୁ ନେଇ ଯେତେବେଳେ ନିଯୁକ୍ତି ସୁଯୋଗ ବାହାରିବ ସେହି ସମୟରେ ସ୍ଥାନୀୟ ଯୁବକ ମାନଙ୍କୁ ପ୍ରାଧାନ୍ୟ ଦେବାକୁ ଦାବି କରିଛନ୍ତି ସୋନପୁର ଅଞ୍ଚଳବାସୀ।

## ବିଭ୍ରାଟିତ ଟାଟା ପାଓ୍ୱାର ବିଭ୍ରାନ୍ତିକର ବିଦ୍ୟୁତ୍ ସେବା



**କଟକ** : ଯେଉଁ ଜମିକୁ ବିବାଦୀୟ କହି ପ୍ରକୃତ ଉପଭୋକ୍ତାଙ୍କୁ ମିଟର ଦେବାକୁ ମନା କଲା ସେଇ ଜମି ଉପରେ ଅନ୍ୟଙ୍କୁ ମିଟର ଦେଇଛି। ସ୍ମାର୍ଟ ମିଟର ପାଇଁ ଦୁଇବର୍ଷ ଅପେକ୍ଷା , ଦେୟ ପ୍ରଦାନ ପରେ ବି ଉପଭୋକ୍ତାଙ୍କୁ ମିଳୁନି ବିଦ୍ୟୁତ ସେବା।ସ୍ମାର୍ଟ ମିଟର ପାଇଁ ଉପଭୋକ୍ତା ଗୋଟିଏ କାର୍ଯ୍ୟାଳୟ ଭିତରେ ଜଣଙ୍କ ପାଖରୁ ଆଉ ଜଣଙ୍କ ପାଖକୁ ଦୌଡ଼ି ଦୌଡ଼ି ନାକେଦମ । ଆବଶ୍ୟକୀୟ ଦେୟ ଦେଇ ମଧ୍ୟ ନିଜସ୍ୱ ଜମି ଉପରେ ମିଟର ଦେବା ପାଇଁ ପ୍ରବଳ ବାହାନା ଟାଟା ପାଓ୍ୱାରର । ଦୁଇବର୍ଷ ପରେ ବି ବସିଲା ନାହିଁ ସ୍ମାର୍ଟ ମିଟର । ପରିସ୍ଥିତି ଏପରି ଶେଷରେ କଥା ଥାନା ଯାଏଁ ବି କଲାଣି । ହେଲେ ଥାନା ଅଧିକାରୀ ବି ନିଜ ମୁଣ୍ଡ ଉପରୁ ଦାୟିତ୍ୱ ଖସାଇ ଦେଉଛନ୍ତି । ଏ ହେଉଛି ବିଦ୍ୟୁତ ସେବାକୁ ନେଇ ସଦାସର୍ବଦା ବଦନାମ ତଥା ବିଭ୍ରାଟିତ ଟାଟା ପାଓ୍ୱାରର ବିଭ୍ରାନ୍ତିକର ବିଦ୍ୟୁତ ସେବାର ଆଉ ଏକ କଳଙ୍କିତ ଅଧ୍ୟାୟ। ତେବେ ବିଭ୍ରାଟିତ ଟାଟା ପାଓ୍ୱାରର ବିଭ୍ରାନ୍ତିକର ବିଦ୍ୟୁତ ସେବାର ଏଭଳି ବିକଳ ଚିତ୍ର ସାମ୍ନାକୁ ଆସିଛି ପୁଣି କଟକ ସହରରୁ। ଯେଉଁଠି ଜଣେ ଉପଭୋକ୍ତା ପ୍ରାୟ ଦୁଇବର୍ଷ ତଳେ ନିଜ ଜମି ଉପରେ ଏକ ନୂଆ ସ୍ମାର୍ଟ ମିଟର ନେବା ପାଇଁ ଉଚିତ ଦେୟ ପ୍ରଦାନ କରିଥିଲେ। ହେଲେ ଦିନ ପରେ ଦିନ ଗଡି ଚାଲିଲା। କିନ୍ତୁ ଉପଭୋକ୍ତା ମିଟର ପାଇଲେ ନାହିଁ। ଇତିମଧ୍ୟରେ ପ୍ରାୟ ଦୁଇବର୍ଷ ବିତିଗଲାଣି। ଉପଭୋକ୍ତା ଜଣଙ୍କୁ ମିଟର ପାଇଁ ଗୋଟିଏ କାର୍ଯ୍ୟାଳୟରେ ଜଣଙ୍କ ପାଖରୁ ଆଉ ଜଣେ କର୍ମଚାରୀଙ୍କ ପାଖକୁ ବିଭିନ୍ନ ଆଳରେ ଦୌଡା ଯାଉଛି। ସୂଚନା ଯୋଗ୍ୟ ଯେ, କଟକ ବାସିନ୍ଦା ନିତାଇ ଚରଣ ନନ୍ଦ ନିଜର ଝାଞ୍ଜିରିମଙ୍ଗଳା ଲୁଣିଆ ସାହି ଜମି ଉପରେ ଏକ ସ୍ମାର୍ଟ ମିଟର ପାଇଁ ଆବେଦନ କରିଥିଲେ। ଏପରିକି ଏଥିପାଇଁ ବିଭାଗକୁ ଆବଶ୍ୟକୀୟ ପ୍ରାପ୍ୟ ସହ ଯାହା କାଗଜପତ୍ର ଦରକାର ତାହା ମଧ୍ୟ ଦେଇଥିଲେ। କିନ୍ତୁ ଏତେ ସବୁ ପରେ ବି ବିଭିନ୍ନ ବାହାନା କରି ନିତାଇଙ୍କୁ ଟାଟା ପାଓ୍ୱାର କର୍ମଚାରୀ ବାରମ୍ବାର ଦୌଡାଉଛନ୍ତି। ସେହି ଜମି ପରେ ବିବାଦ ଅଛି ଏବଂ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ନୂଆ ମିଟର ବସାଯିବ ବୋଲି କାର୍ଯ୍ୟାଳୟ ପକ୍ଷରୁ ମିଥ୍ୟା କୁହାଯାଇଛି ବୋଲି ନିତାଇ କହିଛନ୍ତି। ଅନ୍ୟପକ୍ଷରେ ଉପଭୋକ୍ତାଙ୍କ ଜମି ଉପରେ ଯଦି ବିବାଦ ରହିଛି ତେବେ ସେହି ଉପଭୋକ୍ତାଙ୍କ ନ ଦେଇ ସମାନ ଜମିରେ ଅନ୍ୟଏକ ମିଟର କିପରି ଭାବେ ବିଭାଗ ପକ୍ଷରୁ ଦିଆଯାଇଛି ତାହାକୁ ନେଉ ବର୍ତ୍ତମାନ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଏନେଇ ନିତାଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ବହୁ ଚର୍ଚ୍ଚିତ ବାଦାମବାଡ଼ି ଥାନା ଅଧିକାରୀ ଏହାକୁ ଗୁରୁତର ସହ ନେଇ ନାହାଁନ୍ତି।

ତେବେ ଡବଲ ଇଞ୍ଜିନ ସରକାରଙ୍କୁ ଲୋକଙ୍କ ସରକାର କୁହାଯାଉଥିବା ବେଳେ ନିତାଇଙ୍କ ଅବସ୍ଥା ଏବଂ ବିଦ୍ୟୁତ ସେବା ତଥା ଥାନାର ଏଭଳି ନ୍ୟାୟ ବ୍ୟବସ୍ଥା ବର୍ତ୍ତମାନ ସରକାରଙ୍କୁ ବଦନାମ କରିବା ସହ ୨୪ବର୍ଷର ବିଜେଡି ଶାସନ ପତନ ପରେ ଏହା କଣ ଅଛେ ଦିନ ବୋଲି ଏବେ ପ୍ରଶ୍ନ ହେଉଛି। ଏହାସହ ଏଥିପ୍ରତି ତୁରନ୍ତ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବି ହୋଇଛି।







# ନଗରପାଳ ପଦ ଫେରିପାଇବେ କି ଶୁଭେନ୍ଦୁ ?



■ **ଭୁବନ** : ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପଦ ଫେରି ପାଇଲେ ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ। ଅନ୍ୟାୟ ଓ ଅନିତୀ ଅଭିଯୋଗରେ ହାଉସିଙ୍ଗ ଏବଂ ଅର୍ବାନ ଡିପାଟମେଣ୍ଟ ତରଫରୁ ୨୦୨୫ ସେପ୍ଟେମ୍ବରମାସରେ ୧୨ ତାରିଖରେ ଭୁବନ ଏନ ଏ ସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କୁ ବିଭାଗ ତରଫରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ପରେ ଭୁବନ ଏନ ଏ ସି ର ପୂର୍ବତନ ଅଧ୍ୟକ୍ଷ ମାନ୍ୟବର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ ଆଜି ମାନ୍ୟବର ହାଇକୋର୍ଟ ବିଚାର କରି ଶୁଭେନ୍ଦୁ କୁମାର ସାହୁଙ୍କ ନିଲମ୍ବନ ଆଦେଶ କୁ ରଦ୍ଦ କରିବା ନେଇ ବିଜେଡି କର୍ମୀ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଛନ୍ତି। ଅଧ୍ୟକ୍ଷ ପଦ ବଜାୟ ରଖିବାକୁ ଶୁଭେନ୍ଦୁ ଆଗେଇ ଆସିଛନ୍ତି । ସମାଜସେବୀ ଶୁଭେନ୍ଦୁ କୁମାର ସାହୁ ପଦ ଫେରି ପାଇଥିବାରୁ ଭୁବନ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ଭୁବନ ବାସୀ। ଅଭିଯୋଗକାରୀଙ୍କ ବିରୋଧରେ ଅନିୟମିତତାର ଅଭିଯୋଗ ହୋଇଛି, କିନ୍ତୁ ରେକର୍ଡରେ କେଉଁଠି ମଧ୍ୟ ଏହା ପ୍ରମାଣିତ ହୋଇନଥିଲା ଯେ ସେଥିରେ ତାଙ୍କର ଇଚ୍ଛାପୂର୍ବକ ତ୍ରୁଟି କିମ୍ବା ଆଇନର ବ୍ୟବସ୍ଥା ଅନୁସରଣ ନ କରିବା ପାଇଁ କୌଣସି ଜାଣିଶୁଣି ମନସ୍କାମନା ଥିଲା। କେବଳ ଅବହେଳା କିମ୍ବା ଅନିୟମିତତା, ଯାହା ପ୍ରଥମଦୃଷ୍ଟିରେ ରେକର୍ଡରୁ ଦେଖାଯାଉଛି, ସେଗୁଡ଼ିକ ମାତ୍ର ଧାରା ୫୩ ଅନୁଯାୟୀ ତାଙ୍କୁ ପଦଚ୍ୟୁତ କରିବା ପାଇଁ ପର୍ଯ୍ୟାପ୍ତ ହେବ ନାହିଁ। ଚେୟାରମ୍ୟାନ୍ ପଦରୁ ହଟାଇବା ସମ୍ବନ୍ଧୀୟ ଆପତ୍ତିଜନକ ନିଷ୍ପତ୍ତି ଆଇନଗତ ତ୍ରୁଟିରେ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ସମୀକ୍ଷକ ଅଡ଼ଭୋକେଟ ଶୁଭେନ୍ଦୁଙ୍କ କେଶ ୨୫୭୭୯/୨୦୨୫ ର ଶୁଣାଣି ଗୁରୁବାର ନ୍ୟାୟାଧିଶ ଆର. କେ ପଟ୍ଟନାୟକଙ୍କ ପକ୍ଷରୁ ଦିଆଯାଇଛି ବୋଲି ଆଡ଼ଭୋକେଟ ଉପେନ୍ଦ୍ର ସାମଲ ଙ୍କ ସୂତ୍ରରୁ ଜଣାଯାଇଛି।



# ପ୍ରଭାତ ବିଜେଡିରୁ ବହିଷ୍କୃତ

● ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ

● ନବୀନଙ୍କ ସହ କଥା କଟାକଟି

■ **କଟକ** : ଚୌଦ୍ୱାର କଟକରେ ପ୍ରଭାତଙ୍କ ବିନା କୌଣସି ରାଜନୈତିକ ଦଳ ବିଜୟ ଲାଭ କରିବା କଷ୍ଟକର ବେପାର। ପ୍ରଭାତଙ୍କ ଲୋକପ୍ରିୟତା ଏତେ ଯେ ସେଠି ଅନ୍ୟ କୌଣସି ବ୍ୟକ୍ତି ଭେଦକରି ପ୍ରବେଶ କରିବା ସମ୍ଭବ ନୁହେଁ, ଏକଥା ଆମ୍ଭେ ଲେଖୁନାହୁଁ। ଯେ କେହିବି ପ୍ରତିଦିନ ସକାଳେ ଓ ସନ୍ଧ୍ୟାବେଳେ ତାଙ୍କ ବାସଗୃହକୁ ଗଲେ ସ୍ୱଚକ୍ଷୁରେ ଦେଖିପାରିବେ। ଚୌଦ୍ୱାର କଟକର ଘରେ ଘରେ ଏବଂ ଲୋକଙ୍କ ହୃଦୟକୁ ପ୍ରଭାତ ଯେପରି ଜିଣି ନେଇଛନ୍ତି। ଦଳମତ ନିର୍ବିଶେଷରେ ପ୍ରତିଟି ଲୋକର ସୁବିଧା ଅସୁବିଧାରେ ପ୍ରଭାତ ପହଞ୍ଚିଥାନ୍ତି। ଓଡ଼ିଶାର ଅନେକ ଅଗ୍ରଣୀ ସଂଗଠନ ଏବଂ କଟକ ସହରର ସାହି କମିଟି, ପୂଜା କମିଟି ସବୁଠି ଆଗ ଧାଡ଼ିରେ ଖୋଜା ପଡ଼ନ୍ତି ପ୍ରଭାତ। ଏବେ ସାଧାରଣ ଲୋକ କହୁଛନ୍ତି ପ୍ରଭାତଙ୍କୁ ବିଜେଡିରୁ ବହିଷ୍କାର କରି ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିଛି ଦଳ। ଯାହା ପଛରେ ଚିନ୍ତାକଲେ ବି ଏଭଳି କ୍ଷତି ଭରଣା ହୋଇପାରିବ ନାହିଁ। ମୋଟା ମୋଟି କହିବାକୁ ଗଲେ ପ୍ରଭାତ ଦଳ ପାଇଁ ବୋଝ ନଥିଲେ। ଦଳ ତାଙ୍କ ପାଇଁ ବୋଝ ଥିଲା। ବିଜେଡିରୁ ବହିଷ୍କାର ହେଲେ ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ ବିଶ୍ୱାଳ। ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କହିଛନ୍ତି। ଏନେଇ ଦଳର ଉପସଭାପତି ପ୍ରତାପ ଜେନା ଦଳୀୟ ଚିଠି ଜାରି କରିଛନ୍ତି। ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ପରେ ନବୀନ ନିବାସରେ ପ୍ରବଳ ହଙ୍ଗାମା କରିଥିଲେ ପ୍ରଭାତ। ପ୍ରଭାତଙ୍କ ସହ ପୁଅ ତଥା ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ ସଂତୃପ୍ତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ହଙ୍ଗାମା କରିଛନ୍ତି। ଅସନ୍ତୋଷ କରି ପ୍ରଭାତ କହିଥିଲେ ଯେ ଯାହାଙ୍କୁ ପ୍ରାର୍ଥୀ କରାଯାଇଛି ସେ ଦଳ ପାଇଁ କିଛି କରିନାହାନ୍ତି। ଯିଏ ଦଳ ପାଇଁ କାର୍ଯ୍ୟ କରିଛନ୍ତି ତାଙ୍କୁ ପ୍ରାର୍ଥୀ କରିଥିଲେ ଭଲ ହୋଇଥାନ୍ତା। ଏହା ଏକପାଖିଆ ନିଷ୍ପତ୍ତି, ସମସ୍ତେ ବସି ନିଷ୍ପତ୍ତି ନେଇ ନାହାନ୍ତି। ଦଳର ୪ ହଜାର କୋଟି କିଏ ନେଇଗଲା କହି ବର୍ଷିଥିଲେ ପ୍ରଭାତ। ଆହୁରି ମଧ୍ୟ କହିଥିଲେ ଯେ, ଦଳ ପାଇଁ ମୁଁ ସବୁ ତ୍ୟାଗ ସ୍ୱୀକାର କରିଛି। ଦଳ ମୋର ବହୁ କ୍ଷତି କରିଛି, ମୁଁ କିନ୍ତୁ ଦଳର କ୍ଷତି କରି ନାହିଁ। ନବୀନ ବାବୁ ଆଲୋଚନା କରନ୍ତୁ। ଯଦି ଆଲୋଚନା ନ କରିବେ ତେବେ ଦଳଠାରୁ ଦୂରେଇ ଯିବି ବୋଲି ପ୍ରଭାତ କହିଥିଲେ।

ସବୁ ପରେ ବି ବିଜୁ ଜନତାର ମୁଖିଆ ଯଦି ପୁର୍ନବିଚାର ନ କରନ୍ତି ତଥା ତାଙ୍କ ଆଭିମୁଖ୍ୟ ନ ବଦଳାନ୍ତି ଚୌଦ୍ୱାର କଟକରେ ପ୍ରଭାତଙ୍କ ପାଇଁ ଦଳ ଧୂଳି ଚାଟିବ ବୋଲି ପ୍ରଭାତଙ୍କ ସମର୍ଥକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

# ଘରୋଇ ଖାଦ୍ୟ ଉପରେ ଆର୍‌ଏମ୍ ସ୍କୁଲ ପକ୍ଷରୁ ସଚେତନତା

■ **କଟକ** : କଟକ ସଦର ଅନ୍ତର୍ଗତ ୪୨ ମୌଜାସ୍ଥିତ ଆର ଏମ (ରେକି ମିଶନ)ସ୍କୁଲ ପକ୍ଷରୁ ଆଜି ଘରୋଇ ଖାଦ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଛି । ଆଜିକାଲିର ପିଲାମାନେ ଯେଉଁଭଳି ଭାବରେ ବିଭିନ୍ନ ପ୍ରକାରର ବଜାର ଖାଦ୍ୟ ମାଗି, ପାସ୍ତା, ଚାଉମିନ, ବର୍ଗର, ପିଜା ଓ ଅନ୍ୟାନ୍ୟ ବିଦେଶୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଥିବା ବେଳେ ଅଭିଭାବକ ମାନେ ମଧ୍ୟ ତାଙ୍କ କଥାକୁ ସହଜରେ ଗ୍ରହଣ କରିନେଇ ତୁରନ୍ତ ଏହି ସବୁ ସାମଗ୍ରୀ ଆଣିଦେଉଛନ୍ତି । ଏହା ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେବା ସହ ପିଲାମାନେ ବିଭିନ୍ନ ପ୍ରକାରର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଏହି ଅବସରରେ ଆର ଏମ ସ୍କୁଲର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀ ଗୁରୁ ଶ୍ରୀସନ୍ତୁଙ୍କ ମାର୍ଗଦର୍ଶନରେ ଓ ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ସ୍କୁଲର ସମସ୍ତ ଶିକ୍ଷୟତ୍ରୀ ମାନେ ଦୈନନ୍ଦିନ ଜୀବନରେ ପିଲାମାନେ କେମିତି ଘରୋଇ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିବେ ସେଥିପ୍ରତି ଧ୍ୟାନ ଦେବା ସହ, ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସ୍କୁଲକୁ ଟିଫିନ୍ ଆଣିବା ପାଇଁ ପରାମର୍ଶ ଦେଉଛନ୍ତି। ଏଥିସହିତ ପିଲାମାନେ ଏକତ୍ର ବସି କଦଳୀ ପତ୍ରରେ ଖାଦ୍ୟକୁ ପରସି ନିଜ ଭିତରେ ବାଂଟିକି ଖାଇବାର ଶିକ୍ଷା ମଧ୍ୟ ଦେଉଛନ୍ତି। ଏଥିପାଇଁ ସ୍କୁଲ ତରଫରୁ ବିଭିନ୍ନ ସମୟରେ ଅନେକ ଗୁଡ଼ିଏ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ସେହି ଖାଦ୍ୟ ମାନଙ୍କ ମଧ୍ୟରେ ଆରିସା ପିଠା, କାକରା ପିଠା, ମଣ୍ଡା ପିଠା, ଚକୁଳି ପିଠା, ଚିତଉ ପିଠା, କ୍ଷୀରି-ପୁରି, ଖେଚୁଡ଼ି, ଏଣ୍ଡୁରି ପିଠା, ପୋଡ ପିଠା, ବରା, ଦହିବରା, ପଖାଳ, ବଡ଼ିଚୁରା, ଆଳୁ ଚଟଣୀ, ବାଇଗଣ ଭଜା, ସିମେଇ, ଉପମା ଆଦି ଖାଦ୍ୟ ସାମିଲ କରାଯାଇଛି। ଏହାଦ୍ୱାରା ପିଲାମାନେ ନିଜ ଶରୀରକୁ ସୁସ୍ଥ ରଖିବା ସହ ସେମାନଙ୍କର ମନ ଓ ମାନସିକତାକୁ ସଠିକ ଭାବରେ ନିୟନ୍ତ୍ରଣ କରିପାରିବେ। ସ୍କୁଲର ଏଭଳି ଏକ ଭିନ୍ନ ଓ ଦୁରଦୃଷ୍ଟି ସମ୍ପନ୍ନ କାର୍ଯ୍ୟ ପାଇଁ ଅଭିଭାବକ ଓ ଅଂଚଳବାସୀ ମାନେ ଖୁସିବ୍ୟକ୍ତ କରିଛନ୍ତି।



## କଳସ ଶୋଭାଯାତ୍ରା ଉପରେ ମାଡ଼ିଗଲା ଟାଟା ଏସି

# କଳସଧାରୀ ମହିଳା ମୃତ, ୫ ଆହତ


■ **ଖୋର୍ଦ୍ଧା** : ଶନି ମନ୍ଦିର ପ୍ରତିଷ୍ଠା ପାଇଁ ଏକ କଳସ ଶୋଭାଯାତ୍ରା ଯାଉଥିବା ବେଳେ ଏକ ଟାଟା ଏସିଇ ଗାଡ଼ି ଶୋଭାଯାତ୍ରା ଉପରେ ମାଡ଼ି ଯାଇଛି। ଘଟଣାରେ ଜଣେ କଳସଧାରୀ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଛଅ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଶିଙ୍ଗାଂଚଳ ଥାନା ମୁକ୍ତାପୁର ଦଳବେହେରା ସାହିରେ। ଗାଁରେ ଏକ ଶନିଦେବଙ୍କର ମନ୍ଦିର ପ୍ରତିଷ୍ଠା ହେଉଥିଲା। କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ୩୦ଜଣ ମହିଳା ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ସ୍ଥାନୀୟ ପଣସଝର ଜଳାଶୟରୁ ପୂର୍ଣ୍ଣଜଳ କଳସ ଧରି ମନ୍ଦିର ନିକଟକୁ ଆସୁଥିଲେ। ଜଣେ ମଦ୍ୟପ ଶୋଭାଯାତ୍ରା ପଛପଟୁ ଏକ ଟାଟା ଏସିଇ ଗାଡ଼ିକୁ ଆଣି ଚଢ଼ାଇ ଦେଇଥିଲା।

● ୫ହଜାର ଲାଞ୍ଚ ଟଙ୍କା ନେଇ

# ଆର୍.ଆଇ. ବାବୁ ଗିରଫ



■ **କେନ୍ଦ୍ରପଡ଼ା** : କେନ୍ଦ୍ରପଡା ଜିଲ୍ଲାର ରାଜନଗର ତହସିଲ ଅଫିସ ଆଗରେ ପୁରା ଫିଲ୍ମ ଷ୍ଟାଇଲରେ ଭିଜିଲାନ୍ସ ବିଭାଗ ୫ହଜାର ଲାଞ୍ଚ ସହ କେରଡାଗଡ ଓଫ ବେଲପାଳ ଗ୍ରାମର ରାଜସ୍ୱ ନୀରିକ୍ଷକ ପ୍ରଦ୍ୟୁମ୍ନ ବେହେରାଙ୍କୁ କାବୁ କରିଛି ଭିଜିଲାନ୍ସ ବିଭାଗ ।






# ହୋଲିରେ ୨୦ ମିନିଟ୍ ଚନ୍ଦ୍ରଗ୍ରହଣ




ରଙ୍ଗର ପର୍ବ ହୋଲି । ଏହି ପର୍ବରେ ପରସ୍ପରକୁ ରଙ୍ଗ ଲଗାଇ ହୋଲିର ଶୁଭକାମନା ଜଣାନ୍ତି । ଏହି ଦିନଟିକୁ ଜୀବନରୁ ନକାରାତ୍ମକ ଶକ୍ତିର ବିନାଶର ପ୍ରତୀକ ଭାବେ ବିବେଚନା କରାଯାଏ । ଏହି ଅବସରରେ ପୂଜା, ଦାନ ଏବଂ ଧାର୍ମିକ କାର୍ଯ୍ୟକଳାପ କରିବା ଦ୍ୱାରା ସୁଖ ଏବଂ ସମୃଦ୍ଧି ବୃଦ୍ଧି ପାଏ । ଚଳିତ ବର୍ଷ ମାର୍ଚ୍ଚ ୩ରେ ହୋଲି ପର୍ବ ଅନୁଷ୍ଠିତ ହେବ । କିନ୍ତୁ ଚଳିତ ବର୍ଷ ଏହି ଦିନରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ହେବ, ଯାହା ଭାରତରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବ । ଏହି ଗ୍ରହଣ ସନ୍ଧ୍ୟା ୬ଟା ୨୬ ମିନିଟ୍‌ରେ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୬ ମିନିଟ୍ ରେ ଶେଷ ହେବ । ଚନ୍ଦ୍ରଗ୍ରହଣର ମୋଟ୍ ଅବଧି ପ୍ରାୟ ୨୦ ମିନିଟ୍ ହେବ । ଯେହେତୁ ଏହି ଗ୍ରହଣ ଭାରତରେ ଦୃଶ୍ୟମାନ ହେବ, ତେଣୁ ଧାର୍ମିକ ବିଶ୍ୱାସ ଅନୁସାରେ ସୂତକ ସମୟକୁ ମାନିବାକୁ ପଡ଼ିବ ।

**ସୂତକ ସମୟ:** ଚନ୍ଦ୍ରଗ୍ରହଣ ସୂତକ ସମୟ ମାର୍ଚ୍ଚ ୩ ସକାଳ ୯ ଟା ୩୯ ମିନିଟ୍‌ରେ ଆରମ୍ଭ ହେବ । ଧାର୍ମିକ ବିଶ୍ୱାସ ଅନୁସାରେ, ସୂତକ ସମୟ ଆରମ୍ଭରୁ ଚନ୍ଦ୍ରଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ କିଛି ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ସୂତକ ସମୟ ମଧ୍ୟରେ କୌଣସି ଶୁଭ କାର୍ଯ୍ୟ କରିବା, ପୂଜା, ଯଜ୍ଞ କରିବା କିମ୍ବା କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ନିଷେଧ । ଯାତ୍ରା ମଧ୍ୟ ଏଡ଼ାଇବା ଉଚିତ୍ । ଗର୍ଭବତୀ ମହିଳାମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରହଣ ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ୍ ନୁହେଁ । ଏହି ସମୟରେ ମନ୍ତ୍ର ଜପ, ଧ୍ୟାନ ଏବଂ ଈଶ୍ୱରଙ୍କୁ ସ୍ମରଣ କରିବା ଶୁଭ ବୋଲି ବିବେଚନା କରାଯାଏ । ଏହି ସମୟ ମଧ୍ୟରେ ଧାର୍ମିକ ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

**ଆଂଶିକ ଚନ୍ଦ୍ରଗ୍ରହଣ:** ହୋଲିରେ ହେବାକୁ ଥିବା ଏହି ଚନ୍ଦ୍ରଗ୍ରହଣ ଏକ ଆଂଶିକ ଚନ୍ଦ୍ରଗ୍ରହଣ ହେବ । ଏହି ଗ୍ରହଣ ଭାରତରେ ଦୃଶ୍ୟମାନ ହେବା ସହ ୟୁରୋପ, ଏସିଆ, ଉତ୍ତର ଏବଂ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାର ଅନେକ ସ୍ଥାନରେ ମଧ୍ୟ ଦୃଶ୍ୟମାନ ହେବ । ଏହି କାରଣରୁ ଏହି ଗ୍ରହଣକୁ ବିଶ୍ୱ ସ୍ତରରେ ବିଶେଷ ଭାବରେ ବିବେଚନା କରାଯାଏ । ଫାଲଗୁନ ପୂର୍ଣ୍ଣିମା ତିଥି ୨୦୨୬ ମାର୍ଚ୍ଚ ୨ ତାରିଖ ସନ୍ଧ୍ୟା ୫ଟା ୫୫ ମିନିଟ୍‌ରେ ଆରମ୍ଭ ହେବ । ଏହା ପରଦିନ ୩ ମାର୍ଚ୍ଚ, ସନ୍ଧ୍ୟା ୫ଟା ୦୭ ମିନିଟ୍‌ରେ ଶେଷ ହେବ । ତେଣୁ ଦୋଳ ପୂର୍ଣ୍ଣିମା ମାର୍ଚ୍ଚ ୩ରେ ଅନୁଷ୍ଠିତ ହେବ ଓ ହୋଲି ପର୍ବ ମାର୍ଚ୍ଚ ୪ରେ ପାଳନ କରାଯିବ ।

**ଆଂଶିକ ଚନ୍ଦ୍ରଗ୍ରହଣ:** ହୋଲିରେ ହେବାକୁ ଥିବା ଏହି ଚନ୍ଦ୍ରଗ୍ରହଣ ଏକ ଆଂଶିକ ଚନ୍ଦ୍ରଗ୍ରହଣ ହେବ । ଏହି ଗ୍ରହଣ ଭାରତରେ ଦୃଶ୍ୟମାନ ହେବା ସହ ୟୁରୋପ, ଏସିଆ, ଉତ୍ତର ଏବଂ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାର ଅନେକ ସ୍ଥାନରେ ମଧ୍ୟ ଦୃଶ୍ୟମାନ ହେବ । ଏହି କାରଣରୁ ଏହି ଗ୍ରହଣକୁ ବିଶ୍ୱ ସ୍ତରରେ ବିଶେଷ ଭାବରେ ବିବେଚନା କରାଯାଏ । ଫାଲଗୁନ ପୂର୍ଣ୍ଣିମା ତିଥି ୨୦୨୬ ମାର୍ଚ୍ଚ ୨ ତାରିଖ ସନ୍ଧ୍ୟା ୫ଟା ୫୫ ମିନିଟ୍‌ରେ ଆରମ୍ଭ ହେବ । ଏହା ପରଦିନ ୩ ମାର୍ଚ୍ଚ, ସନ୍ଧ୍ୟା ୫ଟା ୦୭ ମିନିଟ୍‌ରେ ଶେଷ ହେବ । ତେଣୁ ଦୋଳ ପୂର୍ଣ୍ଣିମା ମାର୍ଚ୍ଚ ୩ରେ ଅନୁଷ୍ଠିତ ହେବ ଓ ହୋଲି ପର୍ବ ମାର୍ଚ୍ଚ ୪ରେ ପାଳନ କରାଯିବ ।



# ତ୍ୱଚା ପାଇଁ ଉପକାରୀ ଲୋଟସ୍ ପାଉଡର

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଲୋଟସ ପାଉଡର ତ୍ୱଚା ପାଇଁ ଖୁବ୍ ଉପକାରୀ। ଏହି ପାଉଡରରେ ମଏଶ୍ଚରାଇଜିଂ ଓ କଣ୍ଡିସନିଂ ଗୁଣ ଥାଏ। ଫଳରେ ଏହାକୁ ଲଗାଇଲେ ତ୍ୱଚା କୋମଳ ରହେ। ତେବେ ଏହାକୁ ଠିକ୍ ତରିକାରେ ଲଗାଇବାର ଯଥେଷ୍ଟ ଆବଶ୍ୟକତା ଅଛି। ଲୋଟସ ପାଉଡରରେ ଅଳ୍ପ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ତାହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖନ୍ତୁ। ଏହା ପରେ ମୁହଁ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ସୁସ୍ଥ ରହେ। ଭିଟାମିନ୍ ବି, ଆଇରନ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଲୋଟସ ପାଉଡର ତ୍ୱଚା ପାଇଁ ଖୁବ୍ ଉପକାରୀ। ଏହି ପାଉଡରରେ ମଏଶ୍ଚରାଇଜିଂ ଓ କଣ୍ଡିସନିଂ ଗୁଣ ଥାଏ। ଫଳରେ ଏହାକୁ ଲଗାଇଲେ ତ୍ୱଚା କୋମଳ ରହେ। ତେବେ ଏହାକୁ ଠିକ୍ ତରିକାରେ ଲଗାଇବାର ଯଥେଷ୍ଟ ଆବଶ୍ୟକତା ଅଛି। ଲୋଟସ ପାଉଡରରେ ଅଳ୍ପ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ତାହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖନ୍ତୁ। ଏହା ପରେ ମୁହଁ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ସୁସ୍ଥ ରହେ। ଭିଟାମିନ୍ ବି, ଆଇରନ ଓ ପ୍ରୋଟିନ୍‌ରେ ଭରପୂର ଏହି ପାଉଡର ତ୍ୱଚାର ଟେକ୍ସଚରରେ ସୁଧାର ଆଣିଥାଏ। ତ୍ୱଚାର ନାଲିପଣ ଓ ପୋଡ଼ାଜଳା ସମସ୍ୟାକୁ ଦୂର କରିଥାଏ ଏହି ପାଉଡର। ଏହା ସହ ତ୍ୱଚା ଉଜ୍ଜ୍ୱଳ ମଧ୍ୟ ଦିଶେ।

# ଆର୍ଥିକ ସମସ୍ୟାକୁ ଦୂରକରେ ଦର୍ପଣ



ଦର୍ପଣ ଆମର ଦୈନନ୍ଦିନ ଜୀବନରେ କାମରେ ଲାଗୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ଅଟେ । ବାସ୍ତୁଶାସ୍ତ୍ର ଅନୁସାରେ, ଦର୍ପଣ ଘରେ ସକାରାତ୍ମକ ଶକ୍ତିକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଦର୍ପଣର ଏପରି କିଛି ଲାଭ ମଧ୍ୟ ରହିଛି, ଯାହା ଦ୍ୱାରା ଜଣେ ନିଜ ଘରେ ଧନ, ପ୍ରସନ୍ନତା ତଥା ଖୁସିକୁ ବୃଦ୍ଧି କରିପାରିବେ। ଏଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଠିକ୍ ଭୁଲ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଭୁଲ୍ ଦିଗ କିମ୍ବା ।

ଦର୍ପଣ ଆମର ଦୈନନ୍ଦିନ ଜୀବନରେ କାମରେ ଲାଗୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ଅଟେ । ବାସ୍ତୁଶାସ୍ତ୍ର ଅନୁସାରେ, ଦର୍ପଣ ଘରେ ସକାରାତ୍ମକ ଶକ୍ତିକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଦର୍ପଣର ଏପରି କିଛି ଲାଭ ମଧ୍ୟ ରହିଛି, ଯାହା ଦ୍ୱାରା ଜଣେ ନିଜ ଘରେ ଧନ, ପ୍ରସନ୍ନତା ତଥା ଖୁସିକୁ ବୃଦ୍ଧି କରିପାରିବେ। ଏଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଠିକ୍ ଭୁଲ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଭୁଲ୍ ଦିଗ କିମ୍ବା ଭୁଲ୍ ଆକୃତିର ଦର୍ପଣ ଅସୁବିଧାର କାରଣ ହୋଇପାରେ। ତେବେ ଆସନ୍ତୁ ଜାଣିବା, ଦର୍ପଣ ଦ୍ୱାରା କିପରି ଦୂର କରି ହେବ ଆର୍ଥିକ ସମସ୍ୟା

ଯେଉଁମାନେ ଧାରକରଜ ମଧ୍ୟରେ ଛନ୍ଦି ହୋଇ ରହୁଛନ୍ତି, ସେମାନେ ଡାଇନିଂ ଟେବୁଲ୍ ସାମ୍ନାରେ ଦର୍ପଣ ଲଗାଇବା ଉଚିତ। ତେବେ ଦର୍ପଣକୁ ଏପରି ଲଗାଇବା ଉଚିତ ଯେଉଁଥିରେ ଡାଇନିଂ ଟେବୁଲ୍ ସଂପୂର୍ଣ୍ଣ ଭାବେ ଦେଖାଯାଉଥିବ। ଏପରି କରିବା ଦ୍ୱାରା ଜୀବନ ଧନଧାନ୍ୟରେ ପୂରି ଉଠେ ବୋଲି କୁହାଯାଏ।

ବାସ୍ତୁ ଅନୁସାରେ ଘରର ମୁଖ୍ୟଦ୍ୱାର ସମ୍ମୁଖରେ ଦର୍ପଣ ରଖୀବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ସମସ୍ୟା ବଢ଼ିଥାଏ।

ଘରର ଉତ୍ତର- ପୂର୍ବ ଦିଗରେ ଥିବା କାନ୍ଥରେ ଦର୍ପଣ ଲଗାଇବା ଉଚିତ। ଯେଉଁମାନଙ୍କ ବ୍ୟବସାୟରେ କ୍ଷତି ହେଉଛି, ସେମାନେ ଏହି ଦିଗରେ ଦର୍ପଣ ଲଗାଇବା ଉଚିତ।

# ଏହି ନଦୀରେ ରହିଛି ସହସ୍ରଲିଙ୍ଗ

ଏ ପୃଥିବୀରେ ଅନେକ ସ୍ଥାନ ରହିଛି, ଯାହାର ରହସ୍ୟ ବୁଝିବା ବହୁତ ମୁସ୍କିଲ । ଭାରତରେ ମଧ୍ୟ ଏମିତି ସ୍ଥାନର ଅଭାବ ନାହିଁ, ଯାହାକୁ ବିଚିତ୍ର ସ୍ଥଳ କହିଲେ ଭୁଲ ହେବନାହିଁ । କର୍ଣ୍ଣାଟକରେ ମଧ୍ୟ ଏମିତି ଏକ ସ୍ଥାନ ଅଛି, ଯାହା କାଳରେ ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । କିନ୍ତୁ ଏହା ପଛରେ ଥିବା ରହସ୍ୟ କେହି ସଠିକ୍ ଭାବେ ଜାଣି ନାହାନ୍ତି, କି ଏହା କେବେ ସ୍ଥାପିତ ହୋଇଥିଲା ତାହା ବି କେହି ଜାଣି ନାହାନ୍ତି । ଭାରତର ଅଧିକାଂଶ ତୀର୍ଥସ୍ଥଳ



ବିଷୟରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । କର୍ଣ୍ଣାଟକର ଉତ୍ତର ଜିଲ୍ଲାରେ ଅବସ୍ଥିତ ଶାଳମାଳା ନଦୀ, ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ପ୍ରବାହିତ ହୁଏ । ତେବେ ନଦୀର ଜଳସ୍ତର କମିଲେ ଏଠାରେ ଦେଖିବାକୁ ମିଳେ ଏକ ଅଦ୍ଭୁତ ଦୃଶ୍ୟ । ନଦୀପଠାରେ ଥିବା କଳା ପଥରରେ ରହିଛି ହଜାର ହଜାର ଶିବଲିଙ୍ଗ, ଯାହାକୁ କୁହାଯାଏ ସହସ୍ରଲିଙ୍ଗ । ଏହି ସ୍ଥାନ ଖାଲି ପବିତ୍ର ନୁହେଁ ବରଂ ଏହା ଏକ ଜୀବନ୍ତ ରହସ୍ୟ । "ସହସ୍ରଲିଙ୍ଗ" ଶବ୍ଦର ଅର୍ଥ ହେଉଛି "ହଜାର ହଜାର ଲିଙ୍ଗ"। କିମ୍ବଦନ୍ତୀ କହେ ପଥରରେ ଖୋଦିତ ହୋଇଥିବା ଏହି ହଜାର ହଜାର ଶିବଲିଙ୍ଗ ପ୍ରାଚୀନ ପରି ଶାଳମାଳା ନଦୀର କୌଣସି ମନ୍ଦିର ଶିଖର ନାହିଁ । ଲୋକେ ନଦୀପଠାକୁ ହିଁ ମନ୍ଦିର ମାନନ୍ତି । ଭକ୍ତମାନେ ବିଭିନ୍ନ ଆକାରର ଶିବଲିଙ୍ଗ ଦର୍ଶନ ପାଇଁ ଖାଲି ପାଦରେ ଏଠାକୁ ଚାଲି ଚାଲି ଆସନ୍ତି । ଏହି ନଦୀରେ କିଛି ଶିବଲିଙ୍ଗ ଏକ ଇଞ୍ଚ ଛୋଟ ରହିଛି ତ ଆଉ କିଛି ମଣିଷ ଶରୀର ଭଳି ବିଶାଳ ରହିଛି । ଶିବରାତ୍ରି ସମୟରେ ଯେତେବେଳେ ନଦୀର ଜଳସ୍ତର ହ୍ରାସ ପାଏ, ତଳ ଭାଗରେ ହଜାର ହଜାର ଶିବଲିଙ୍ଗ ଥିବା ଦେଖିବାକୁ ମିଳେ । ଭକ୍ତମାନେ ଶିବଲିଙ୍ଗରେ କ୍ଷୀର, ଜଳ ଏବଂ ଫୁଲ ଅର୍ପଣ କରନ୍ତି । କିନ୍ତୁ ବର୍ଷା ଋତୁରେ ଏହି ପବିତ୍ର ସ୍ଥାନ ସମ୍ପୂର୍ଣ୍ଣ ଲୁଚିଯାଏ ।

# ହର୍ବାଲ ରଙ୍ଗରେ ସେଚେତନତା ବାର୍ତ୍ତା

ରଙ୍ଗର ପର୍ବ ହୋଲି । ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚାହିଁ ରହିଥାନ୍ତି ଏହି ଦିନକୁ ଓ ବର୍ତ୍ତମାନ ସମୟରେ ବଜାରରେ ଉପଲବ୍ଧ ହେଉଥିବା ରାସାୟନିକ ରଙ୍ଗ ଲଗାଇବା ଦ୍ୱାରା କୁଣ୍ଡିଆ, ଜଳାପୋଡ଼ା ବିଭିନ୍ନ ଚର୍ମଜନିତ ସମସ୍ୟା ଦେଖାଯାଉଛି । ତେଣୁ ପ୍ରାକୃତିକ ଜିନିଷ ତଥା ତଥା ଔଷଧୀୟ ପତ୍ର, ମଞ୍ଜି, ଫୁଲ ଓ ଫଳକୁ ଉପଯୋଗ ୧ କରି ହର୍ବାଲ ରଙ୍ଗରେ ହୋଲି ଖେଳି ନିଜେ ସୁସ୍ଥ ରହିବା । ସହ ପରିବେଶକୁ ସୁସ୍ଥ ରଖିବାପାଇଁ ସଚେତନ ଚତନତା ବାର୍ତ୍ତା ଦେଉଛନ୍ତି ଛତିଶଗଡ଼ ନାରାୟଣପୁର ଜିଲ୍ଲାର ମହିଳାମାନେ।



**ମହିଳାଙ୍କ ଦ୍ୱାରା ରଙ୍ଗ ପ୍ରସ୍ତୁତି :** ଦୀର୍ଘ ବର୍ଷ ଧରି ପ୍ରାକୃତିକ ଉପାୟରେ ମହିଳାମାନେ ହର୍ବାଲ ରଙ୍ଗ ପ୍ରସ୍ତୁତ କରି ଲୋକଙ୍କୁ ସଚେତନ କରି ଆସୁଛନ୍ତି । ପୂର୍ବରୁ ରାସାୟନିକ ରଙ୍ଗ ଖେଳିବା ଦ୍ୱାରା ଗ୍ରାମବାସୀମାନେ ଚକ୍ଷୁଜନିତ ସମସ୍ୟା, ଜଳାପୋଡ଼ା, କୁଣ୍ଡିଆ ଆଦିର ସମ୍ମୁଖୀନ ହୋଇଥିଲେ । ଫଳରେ ମହିଳାମାନେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ନାରାୟଣପୁର ଯାଇଥିଲେ । ସେଠାରେ ତାଙ୍କୁ ରାସାୟନିକ ରଙ୍ଗ ବଦଳରେ ଜଡ଼ିବୁଟି, ପତ୍ରଫୁଲରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର ପାଇଁ କରିବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଥିଲେ । ଏହାପରେ ପାଖପଡ଼ୋଶୀ ମହିଳା ମିଳିତ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ହର୍ବାଲ୍ ରଙ୍ଗ ତିଆରି କରିଆସୁଛନ୍ତି ।

**ପତ୍ର ଓ ଫୁଲରୁ ନିର୍ମିତ ରଙ୍ଗ :** ବର୍ଷକୁ ଥରେ ଫଗୁ ବା ଅବିରରେ ହୋଲି ଖେଳିଲେ, ବର୍ଷସାରା କୌଣସି ଚର୍ମଜନିତ ସମସ୍ୟା ହୁଏ ନାହିଁ ଓ ତେଣୁ ପ୍ରାକୃତିକ ଉପାୟରେ ବିଭିନ୍ନ ଔଷଧୀୟବୃକ୍ଷ ପତ୍ର ଯଥା – ନିମ୍ବ, କୁଙ୍କୁମ, ବେଲପତ୍ର, ଆମ୍ବପତ୍ର, ମେହେନ୍ଦୀ ପତ୍ର, କରଞ୍ଜପତ୍ରକୁ ଶୁଖାଇ ସେଥିରେ ହଳଦୀ, ଚାଉଳ, ମୁଲତାନୀ ମାଟି ଓ କଫି ମିଶାଇ ବିଭିନ୍ନ ହର୍ବାଲ ରଙ୍ଗ ପ୍ରସ୍ତୁତ କରୁଥିବା ମହିଳାମାନେ କହିଛନ୍ତି ଓ ସେମାନଙ୍କ କହିବାନୁଯାୟୀ ଏହି ରଙ୍ଗ ସୁରକ୍ଷିତ ହେବା ସହ ତ୍ୱଚା ଏବଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ।

**ରଙ୍ଗ ମାଧ୍ୟମରେ ସଚେତନତା :**

ହର୍ବାଲ ରଙ୍ଗ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସହ ମହିଳାଙ୍କୁ ଆତ୍ମନିର୍ଭର କରିପାରିଛି । ଏହି ରଙ୍ଗ ହୋଲିରେ ନିଆରା ଅନୁଭୂତି ପ୍ରଦାନ କରିବା ସହ ତ୍ୱଚା ପାଇଁ ସୁରକ୍ଷିତ ହୋଇଥାଏ । ଏହା ଦ୍ୱାରା ପଶୁପକ୍ଷୀ ଏବଂ ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼େ ନାହିଁ ଓ ଏହା ପ୍ରାକୃତିକ ସୁଗନ୍ଧ ସହ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିଥାଏ ।

## ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ




# ମିସାଇଲ୍ ମାଡରେ ଜଳୁଛି ଇରାନ


- ୧୦ ସହର ଧ୍ୱସ୍ତ, ୨୦୦ ମୃତ
- ୮୫ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ
- ଦୁବାଇ, ରିୟାଦ ଓ ଦୋହାରେ ଇରାନର ମିସାଇଲ ମାଡ଼
- ଇସ୍ରାଏଲରେ ଇରାନର ୪୦୦ କ୍ଷେପଣାସ୍ତ୍ର ମାଡ଼
- ଆମେରିକା ଆକ୍ରମଣ ବନ୍ଦ କରୁ : ରୁଷ୍
- ଆମେରିକା ଆକ୍ରମଣକୁ ସ୍ପେନ୍‌ର ବିରୋଧ



ତେହେରାନ : ଇସ୍ରାଏଲ-ଆମେରିକା ମିଳିତ ଭାବେ ଇରାନରେ କରିଥିବା ଆକ୍ରମଣରେ ଗୋଟିଏ ବାଳିକା ସ୍କୁଲ କ୍ଷତିଗ୍ରସ୍ତ ହୋଇଛି । ସ୍କୁଲରେ ମିସାଇଲ ଓ ବୋମା ମାଡ଼ ହେବାରୁ ୪୦ ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଛି । ସେହିପରି ଆଉ ୪୫ ଜଣ ଆହତ ହୋଇଛନ୍ତି । ତେହରାନ ପକ୍ଷରୁ ପ୍ରଥମଥର ପାଇଁ ହମଲାରେ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି । ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁସାରେ, ଇସ୍ରାଏଲ ଓ ଆମେରିକା ପକ୍ଷରୁ ମିନାବ ସହରରେ ହୋଇଥିବା ଆକ୍ରମଣରେ ଏତେ ସଂଖ୍ୟକ ସ୍କୁଲ ଛାତ୍ରୀଙ୍କ ଜୀବନ ଯାଇଛି । ଇରାନର ପାରାମିଲିଟାରୀ ରେଭ୍ୟୁଲୁସନାରୀ ଗାର୍ଡର ବେସ୍ ମିନାବ ଠାରେ ରହିଛି । ସେଠାରେ ଆକ୍ରମଣ କରିବା ବେଳେ ଇସ୍ରାଏଲ ଓ ଆମେରିକା ସ୍କୁଲକୁ ମଧ୍ୟ ଟାର୍ଗେଟ କରିଥିଲେ । ସ୍କୁଲଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ୪୦ ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି ।  ଆଜିର ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନୀୟ ଲୋକଙ୍କୁ ସେମାନଙ୍କ ଭାଗ୍ୟକୁ ନିଜେ ନିୟନ୍ତ୍ରଣ କରନ୍ତୁ ବୋଲି କହିଛନ୍ତି । ଏଥିସହ ଶାସନ ପରିବର୍ତ୍ତନ ହେବା ଯାଏ ଆକ୍ରମଣ ଜାରି ରହିବ ବୋଲି ସେ ଚେତାବାନୀ ଦେଇଛନ୍ତି । ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନେଇଙ୍କ ଅଫିସ ପାଖରେ ପ୍ରଥମ ଏୟାର ଷ୍ଟ୍ରାଇକ କରାଯାଇଥିଲା । ଇରାନର ରାଷ୍ଟ୍ରପତିଙ୍କ ବାସଭବନ ମଧ୍ୟକୁ ଇସ୍ରାଏଲ ଓ ଆମେରିକା ଟାର୍ଗେଟ କରିଥିଲେ । ତେବେ ଆକ୍ରମଣ ସମୟରେ ଖାମେନେଇ ସେଠାରେ ନଥିଲେ ଓ ଦେଶର ରାଷ୍ଟ୍ରପତି ମଧ୍ୟ ସଂପୂର୍ଣ୍ଣ ସୁରକ୍ଷିତ ଥିବା ଇରାନ କହିଛି । ଅନ୍ୟପକ୍ଷରେ ୟୁଏଇର ଅବୁଧାବି ଓ ଦୁବାଇ, କତରର ଦୋହା, ସାଉଦି ଆବର ରିୟାଦରେ ଇରାନ ପକ୍ଷରୁ ଘନଘନ ମିସାଇଲ ମାଡ଼ କରାଯାଇଛି । ବଡ଼ବଡ଼ ବିସ୍ଫୋରଣ ଯୋଗୁ ଏହି ସହରଗୁଡ଼ିକ ଥରିଛି । ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ତେହରାନ ଏହାର ଜବାବରେ ଏପରି ପଦକ୍ଷେପ ନେଇଛି । ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ଅସମ୍ଭାଳ ଯୁଦ୍ଧ ଆରମ୍ଭ ହୋଇଯାଇଛି । ବାହାରିନର ଜୁଫେର ଅଞ୍ଚଳରେ ଇରାନର ମିସାଇଲ ମାଡ଼ ଯୋଗୁ ଆମେରିକାର ୫ମ ଫ୍ଲିଟ ନୌସେନା ବେସ କ୍ଷତିଗ୍ରସ୍ତ ହୋଇଛି । ମିସାଇଲ ମାଡ଼ ପରେ ପୂରା ଅଞ୍ଚଳରୁ ଭୟଙ୍କର କଳା ଧୂଆଁ ଉଠୁଥିବାର ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି । ପ୍ରଥମେ ଇସ୍ରାଏଲକୁ ଟାର୍ଗେଟ କରି ଇରାନ ପକ୍ଷରୁ ୩୫ରୁ ୭୦ଟି ମିସାଇଲ ମାଡ଼ କରାଯାଇଥିଲା । ଏହାପରେ ଆମେରିକା ନୌସେନେ ବେସକୁ ତେହରାନ ଟାର୍ଗେଟ କରିଛି । ଇରାନର ପାଲଟା ଆକ୍ରମଣ ଯୋଗୁ ଜେରୁଜେଲମରେ ଘନଘନ ଯୁଦ୍ଧ ସାଇରନ ବାଜିଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି ।

ଇସଲାମିକ ରେଭ୍ୟୁଲୁସେନାରୀ ଗାର୍ଡ କ୍ରସ୍ପ(ଆଇଆରଜିସି)ର କମାଣ୍ଡର ମହମ୍ମଦ ପାକପୌର ଆଉ ନାହାନ୍ତି । ଇସ୍ରାଏଲ ଓ ଆମେରିକା ଆଜି ସକାଳେ କରିଥିବା ଏୟାର ଷ୍ଟ୍ରାଇକରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ଇସ୍ରାଏଲ ଗଣମାଧ୍ୟମ ଏନ୧୨ରେ ଖବର ପ୍ରକାଶ ପାଇଛି । ଇରାନର ଶକ୍ତିଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପାକପୌର । ସେ ୨୬୦ ଦିନ ଧରି ଆଇଆରଜିସିର କମାଣ୍ଡର ଭାବେ କାର୍ଯ୍ୟ କରିଥିଲେ ।  ଇସ୍ରାଏଲ ଗଣମାଧ୍ୟମ ପାକପୌରଙ୍କ ମୃତ୍ୟୁ ଦାବି କରିଥିଲେ ହେଁ ଇରାନ ପକ୍ଷରୁ ଏ ସମ୍ପର୍କରେ କିଛି ବି ଏଯାଏ କୁହାଯାଇ ନାହିଁ । ୨୦୨୫ରେ ଆଇଆରଜିସିର କମାଣ୍ଡର ହୁସେନ ସଲାମି ନିହତ ହୋଇଥିଲେ । ଏହାପରେ ପାକପୌରାଙ୍କୁ ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନେଇ ମେଜେର  ଜେନେରାଲ ପାହ୍ୟାକୁ ପଦୋନ୍ନତି ଦେଇଥିଲେ । ଆଇଆରଜିସିକୁ ଅଧିକ ସୁଦୃଢ଼ କରିବା ଦାୟିତ୍ୱ ପାକପୌରଙ୍କ ଉପରେ ରହିଥିଲା । ଗତ ମାସରେ ମହମ୍ମଦ ପାକପୌର ନିଜେ ହିଁ ଇସ୍ରାଏଲ ଓ ଆମେରିକାକୁ ଚେତାବନୀ ଦେଇ ଇରାନ ଉପରେ ନଜର ନ ପକାଇଥିବାକୁ କହିଥିଲେ । ଇସଲାମିକ ରିପବ୍ଲିକ ପୂର୍ବାପେକ୍ଷା ଏଥର ଅଧିକ ପ୍ରସ୍ତୁତ ହୋଇ ରହିଛି ଓ ଟ୍ରିଗର ଉପରେ ଅଙ୍ଗୁଳି ରହିଥିବା ମଧ୍ୟ ଚେତାବନୀ ଦେଇଥିଲେ । ହେଲେ ଆଜି ଏୟାର ଷ୍ଟ୍ରାଇକରେ ତାଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ କହିଛି । ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନେଇଙ୍କ ଅଫିସ ପାଖରେ ପ୍ରଥମ ଏୟାର ଷ୍ଟ୍ରାଇକ କରାଯାଇଥିଲା । ଇରାନର ରାଷ୍ଟ୍ରପତିଙ୍କ ବାସଭବନ ମଧ୍ୟକୁ ଇସ୍ରାଏଲ ଓ ଆମେରିକା ଟାର୍ଗେଟ କରିଥିଲେ । ତେବେ ଆକ୍ରମଣ ସମୟରେ ଖାମେନେଇ ସେଠାରେ ନଥିଲେ ଓ ଦେଶର ରାଷ୍ଟ୍ରପତି ମଧ୍ୟ ସଂପୂର୍ଣ୍ଣ ସୁରକ୍ଷିତ ଥିବା ଇରାନ କହିଛି । କିନ୍ତୁ ଇସ୍ରାଏଲ ଓ ଆମେରିକା ପକ୍ଷରୁ ମିନାବ ସହରରେ ହୋଇଥିବା ଆକ୍ରମଣରେ ୪୦ ଜଣ ସ୍କୁଲ ଛାତ୍ରୀଙ୍କ ଜୀବନ ଯାଇଛି । ଇରାନର ପାରାମିଲିଟାରୀ ରେଭ୍ୟୁଲୁସନାରୀ ଗାର୍ଡର ବେସ୍ ମିନାବ ଠାରେ ରହିଛି । ସେଠାରେ ଆକ୍ରମଣ କରିବା ବେଳେ ଇସ୍ରାଏଲ ଓ ଆମେରିକା ସ୍କୁଲକୁ ମଧ୍ୟ ଟାର୍ଗେଟ କରିଥିଲେ । ସ୍କୁଲଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ୪୦ ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଛି ଓ ଆଉ ୪୫ ଜଣ ଆହତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି ଘଟଣା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ି ଯାଇଛି ।

## ନକଲି ଆଇନ ଡିଗ୍ରୀ ଦେଇ ବିଚାରପତି



**୫ ବର୍ଷ ଧରି କରୁଥିଲେ**

**● ଇସଲାମବାଦ :** ପାକିସ୍ତାନର ଜଣେ ବିଚାରପତି ଇସଲାମାବାଦ ହାଇକୋର୍ଟରେ କାମ କରିବା ସହ ବିଭିନ୍ନ ପ୍ରକାରର ରାୟ ଦେଇ ଚାଲିଥିଲେ । ମାସେ କି ବର୍ଷେ ନୁହେଁ, ସେ ପୂରା ୫ ବର୍ଷ ବିଚାରପତି ଭାବେ କାମ କରି ଚାଲିଥିଲେ । ହେଲେ ବାସ୍ତବରେ ରାୟ ଦେବାକୁ ସେହି ଜଜଙ୍କ ପାଖରେ ନଥିଲା ଯୋଗ୍ୟତା । ନକଲି ଆଇନ ଡିଗ୍ରୀ ଦ୍ୱାରା ସେ ବିଚାରପତି ପଦ ଦଖଲ କରିଥିଲେ । ଏହାପରେ ୫ ବର୍ଷ ଧରି ହାଇକୋର୍ଟରେ ବିଚାରପତି ଭାବେ କାମ କରୁଥିଲେ ହେଁ ଏକଥା କାହାକୁ ବି ଜଣା ନଥିଲା । ତାଙ୍କ ଆଇନ ଡିଗ୍ରୀକୁ ଅମାନ୍ୟ ଘୋଷିତ କରାଯାଇଛି । ଅର୍ଥାତ ହାଇକୋର୍ଟରେ ବିଚାରପତି ଭାବେ ତାଙ୍କ ନିଯୁକ୍ତି ସଂପୂର୍ଣ୍ଣ ଭାବେ ବେଆଇନ ଥିଲା । ଇସଲାମାବାଦ ହାଇକୋର୍ଟ ସୋମବାର ୧୧୬ ପୃଷ୍ଠାର ବିସ୍ତୃତ ରାୟ ଜାରି କରିଛନ୍ତି । ଏଥିରେ ହାଇକୋର୍ଟର ବିଚାରପତି ଜଷ୍ଟିସ ତାରିକ ମହମ୍ମଦ ଜାହାଙ୍ଗିରୀଙ୍କୁ ତାଙ୍କ ପଦରୁ ହଟାଇ ଯାଇଥିବା କଥା କୁହାଯାଇଛି । ୨୦୨୦ ଡିସେମ୍ବର ମାସରେ ଜାହାଙ୍ଗିରୀଙ୍କୁ ହାଇକୋର୍ଟରେ ନିଯୁକ୍ତି ମିଳିଥିଲା ।

## ଡିଏଲ୍‌ରେ ରହିବ ସ୍ୱତନ୍ତ୍ର ନମ୍ବର | ସାବାଡ଼ ହେବେ ଅମାନିଆ ଡ୍ରାଇଭର

# ନିୟମ ଉଲ୍ଲଙ୍ଘନ କଲେ କଟିବ ଡିଏଲ୍

**● ନୂଆଦିଲ୍ଲୀ :** ଦେଶରେ ରାସ୍ତା ଦୁର୍ଘଟଣା ହ୍ରାସ କରିବା ଏବଂ ଦାୟିତ୍ୱସମ୍ପନ୍ନ ଗାଡି ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ନମ୍ବର ଆଧାରିତ ଡିଏଲ୍ (ଡ୍ରାଇଭିଂ ଲାଇସେନ୍ସ) ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏଥିରେ ଟ୍ରାଫିକ ଆଇନ ଉଲ୍ଲଂଘନ କଲେ ଡିଏଲ୍ ରଦ୍ଦ କିମ୍ବା ସସ୍ପେଣ୍ଡ କରାଯିବାର ପ୍ରାବଧାନ ରହିବ । କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏହି ସୂଚନା ଦେଇଛନ୍ତି । ନମ୍ବର ଆଧାରିତ ଡିଲ୍ ବ୍ୟବସ୍ଥା ଅନୁସାରେ ଡିଏଲଡ୍‌ରେ ନମ୍ବର ବା ପଏଣ୍ଟ ଦିଆଯିବ । ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ସେଥିରୁ କିଛି ନମ୍ବର କାଟି ନିଆଯିବ । ଯଦି ସବୁ ନମ୍ବର ଶେଷ ହୋଇଯିବ ତେବେ ଡିଏଲ୍‌କୁ ରଦ୍ଦ କରାଯିବ ନଚେତ ୬ ମାସ ପାଇଁ ସସ୍ପେଣ୍ଡ କରାଯିବ । କିନ୍ତୁ ଲଗାତାର ଭାବେ ଯଦି ଟ୍ରାଫିକ ନିୟମ ଉଲ୍ଲଂଘନ କରାଯାଏ ସେଭଳି କ୍ଷେତ୍ରରେ ଡିଏଲ୍‌କୁ ରଦ୍ଦ କରିଦିଆଯିବ । ଗଡକରୀ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ଛୋଟ ବଡ ପ୍ରାୟ ୫ ଲକ୍ଷ ସଡକ ଦୁର୍ଘଟଣା ହେଉଛି । ଏଥିଯୋଗୁ ବର୍ଷକୁ ୧ ଲକ୍ଷ ୮୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଉଛି । ମୃତକଙ୍କ ମଧ୍ୟରେ ୭୨ ପ୍ରତିଶତଙ୍କ ବୟସ ୧୮ରୁ ୪୫ ବର୍ଷ ଭିତରେ ରହିଛି । ଗଡକରୀ କହିଛନ୍ତି ଯେ ସଡକ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଗାଡି ଚଳାଇବା ବେଳେ ମୋବାଇଲ ଫୋନ୍ ଦେଖିବା, ଦ୍ରୁତଗତିରେ ଗାଡି ଚଳାଇବା, ଭୁଲ ଦିଗରେ ଗାଡି ଚଳାଇବା ଏବଂ ମଦ୍ୟପାନ କରି ଗାଡି ଚଳାଇବା । ଲୋକଙ୍କ ଜୀବନ ବହୁତ ମୂଲ୍ୟବାନ । ତେଣୁ ସରକାର ସଡକ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଜରିମାନା ବଢ଼ାଯାଇଛି । କିନ୍ତୁ ସବୁଠାରୁ ବଡ ସମସ୍ୟା ହେଉଛି ନିୟମକୁ ଠିକ୍ ଭାବେ ପାଳନ କରିବା । ଲୋକଙ୍କ ଭିତରେ ଆଇନ ପ୍ରତି ଭୟ ଓ ସମ୍ମାନ କମ୍ ରହୁଛି । ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିସହ ଚିକିତ୍ସା ବାବଦ ଖର୍ଚ୍ଚ କିମ୍ବା ଆଇନ ଗତ ସମସ୍ୟା କଥା ଚିନ୍ତା ନକରି ସହଯୋଗ କରିବାକୁ ସେ ଅପିଲ କରିଛନ୍ତି ।




## ବଲିଭିଆରେ ବଡ଼ ବିମାନ ଦୁର୍ଘଟଣା



**● ଦକ୍ଷିଣ ଆମେରିକା :** ଦକ୍ଷିଣ ଆମେରିକା ଦେଶ ବଲିଭିଆରେ ବଡ଼ ବିମାନ ଦୁର୍ଘଟଣା ଘଟିଛି । ବ୍ୟାଙ୍କ ନୋଟ୍ ନେଇ ଯାଉଥିବା ଏକ ପ୍ଲେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ନୂଆ କରି ଛପା ନୋଟ୍ ନେଇ ଯାଉଥିଲା ହରକ୍ୟୁଲେସ ସି-୧୩୦ ବିମାନ । ମଝି ଆକାଶରେ ଜଳି ଉଠିଲା ପ୍ଲେନ୍ । ଏଥିରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ନୋଟ୍ ଗୋଟାଇବାକୁ ଲୋକଙ୍କ ଭିଡ଼ ଲାଗିଛି । ଖରାପ ପାଗ କାରଣରୁ ବିମାନ କ୍ରାସ ହୋଇଥିବା ସୂଚନା ମିଳିଛି । ଏଲ୍ ଅଲଟୋ ସହରରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି । ଲୋକଙ୍କୁ ଉଦ୍ଧାର କରିବା ବଦଳରେ ବିଛାଡିହୋଇ ପଡିଥିବା ନୋଟ୍ ଗୋଟାଇବାକୁ ଲୋକ୍ ଧାଁ ଦୌଡ଼ କରୁଥିବା ଭିଡ଼ିଓରେ ଦେଖିବାକୁ ମିଳିଛି । ରିପୋର୍ମନଟି ଏଲ୍ ଅଲଟୋ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ଖରାପ ପାଗ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ନିୟନ୍ତ୍ରଣ ହରାଇ ନିକଟସ୍ଥ ମୁଖ୍ୟ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାସ୍ତାରେ ଖସି ପଡିବା ପରେ ବିମାନଟି ଏକାଧିକ ଗାଡିକୁ ଧକ୍କା ଦେଇଥିଲା । ଏ ନେଇ ଅନେକ ଗାଡ଼ି ସମ୍ପୂର୍ଣ୍ଣ ଗୁଣ୍ଡ ହୋଇଯାଇଥିଲା । ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ସେଥିରେ ନିଆଁ ଲାଗି ଯାଇଥିଲା । ଏହାକୁ ଲିଭାଇବା ପାଇଁ ଅଗ୍ନିଶମ କର୍ମଚାରୀ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି ।

ସାହିତ୍ୟାଞ୍ଚଳ
କଟକ / ୦୨ - ୦୮ ମାର୍ଚ୍ଚ, ୨୦୨୬

# ମୋ ବାପା ମାଆ

**॥ ପ୍ରୀତି ପଟ୍ଟନାୟକ ॥**

ଈଶ୍ୱର ଦେଖିନି କିନ୍ତୁ, ଦେଖିଛି ମୁଁ ବାପା ମା ଙ୍କୁ
ସନ୍ତାନ ପାଇଁକି କରନ୍ତି ଉତ୍ସର୍ଗ, ନିଜ ସବୁ ଆନନ୍ଦକୁ ।

ମା ମୋ ଅଟଇ ମମତାର ଛାଇ, ବାପା ଅଟନ୍ତି ସାହାସ
ଜଣେ ଆକାଶ ତ ଆଉ ଜଣେ ଧରା, ଏହା ଈଶ୍ୱର ଆଶୀଷ ।

ତାଙ୍କ କୋଳେ ମୁହିଁ ଜନମ ନେଇ, ଧନ୍ୟ ମୋହରି ଜୀବନ
ଜନମି ନେଲେ ବି ଶତ ବାର ମୁହିଁ, ସୁଝି ପାରିବିନି ତାଙ୍କ ଋଣ ।

ଯେତେ ଦୋଷ ଆଉ ଅପରାଧ କଲେ, କରନ୍ତି ନି କେବେ ଦୂର
ସବୁ ଅଳି ଆଉ ଅଝଟକୁ ମୋର, ପୁରା କରନ୍ତି ସତ୍ୱର ।

ବାପା ତ ଅଟନ୍ତି ସାହାସ ମୋହର, ସର୍ବଦା ଦିଅନ୍ତି ଦମ୍ଭ
ଝୁଣ୍ଟି ପଡ଼ିଥିଲେ ଉଠିବା ଶିଖାନ୍ତି, ଜଣାଇ ନ ଦେଲେ ଦୁଃଖ ।
ମାଆ ପାଇଁ ଆଉ କଣ ବା କହିବି, ଭାଷା ଜ୍ଞାନ ମୋର କାହିଁ
ତା କୋଳେ ଜନମୀ ଧନ୍ୟ ଆଜି ମୁହିଁ, ଜୀବନ ମୋ ଉତ୍ସର୍ଗ ତା ପାଇଁ ।

ବାପା ମା ମୋ ଜୀବନେ ତାଙ୍କରି, କେତେ ଝଡ଼ ଝଞ୍ଜା ଦେଖିଛନ୍ତି
ତଥାପି ଆକ୍ଷେପ ତାହାକୁ ନ କରି, ସୁଖେ ମୋତେ ରଖିଛନ୍ତି ।

ରକତକୁ ଆଜି ପାଣି କରି ବାପା, ନିଜ ପରିଚୟ ଗଢିଛନ୍ତି
ତାଙ୍କ ସ୍ନେହ, ସଂସ୍କାର ଓ ଆଦର୍ଶ ସବୁକୁ ମୋ ଶିରେ ଢାଳିଛନ୍ତି ।

ପ୍ରାଣ ଭରନ୍ତି ଯେ ମୋ ଜୀବନରେ, ବାପା ମା ତାଙ୍କ ନାମ
ସର୍ବଦା ଥାନ୍ତୁ ସେ ମୋ ଜୀବନରେ ପ୍ରଭୁଙ୍କ ଆଶୀଷ ସମ ।

•

ସଂସ୍କୃତ ଶିକ୍ଷୟିତ୍ରୀ

# ଦୋଳ ପୂର୍ଣ୍ଣିମା

**॥ ସଞ୍ଜୟ କୁମାର ଦାସ ॥**



ଦୋଳ ପୂର୍ଣ୍ଣିମାର ଦୋଳ ଗୋସାଇଁ
        ବୁଲି ବାହାରନ୍ତି ସାହିକୁ ସାହି
ଭକତର ଭାବ ସବୁ ବୁଝନ୍ତି
        ତାର ନିକଟକୁ ଚାଲି ଆସନ୍ତି
ଘର ଘର ବୁଲି ଭୋଗ ଖାଆନ୍ତି
        ନୂତନ ଆଶାର ରାସ୍ତା ଦେଖାନ୍ତି
ଖାଇବା, ପିଇବା ଭୁଲି ସେ ଯା'ନ୍ତି
        ତର ତର ହୋଇ ବାହାରି ପଡ଼ନ୍ତି
ନାଲି, ନୀଳ, ହଳଦୀ ରଙ୍ଗକୁ ନେଇ
        ବୁଲି ବାହାରନ୍ତି କଳା ଗୋସାଇଁ
ବଡ଼ ମତୁଆଲା ଆମ ଠାକୁର
        ବୁଡ଼ି ରହିଥାଏ ପ୍ରେମ ସାଗର
ଅବିର ପକାଇ ଭକ୍ତକୁ ରଙ୍ଗାଇ
        ନାଚି ବୁଲୁଥାନ୍ତି ଦିଅଁ ଗୋସାଇଁ
ଝୁଲଣ ବେଦୀରେ ବସି ଝୁଲନ୍ତି
        ଦୁଃଖ, କଷ୍ଟ ସବୁ ଦୂରେଇ ନିଅନ୍ତି
ବଡ଼ ଭାଗ୍ୟବାନ ଗଉଡ଼ ଭାଇ
        କାନ୍ଧରେ ବୁଲାଉ ସଂସାର ସାଇଁ

ଆମ୍ବ ଗଛରେ ଆମ୍ବ ବଉଳ
        ଅତି ସୁନ୍ଦର ଦୋଳ ବାଡ଼ି ଖେଳ
ରାଧା କୃଷ୍ଣଙ୍କର ଅପୂର୍ବ ଲୀଳା
        ଉଲ୍ଲସିତ ହୋଇଉଠେ ଗୋପର ବାଳା
ଦିନ ହେଉ କିବା ରାତି ହେଉ
        ସବୁବେଳେ ମନେ ପକାଉ ଥାଉ
ଭାବ ଭକତିର କଳା ଠାକୁର
        ଦୟା କରୁଣାର ପୂର୍ଣ୍ଣ ସାଗର
ଚିର ନମସ୍ୟ ହେ ଜଗତ ଠାକୁର
        ଶରଣ ଦିଅ ହେ ତୁମ୍ଭ ପାଶର ॥

•

# ଚାଲୁଥିବୁ ମୋ ସାଥିରେ

**॥ ଶୁଭଶ୍ରୀ ମହାରଣା ॥**

କୁମ୍ଭପକା ମୋର ଶାଢ଼ିର ଅଞ୍ଚଳେ ତୋ ମୁହଁ ଆଙ୍କିଲି ଯେବେ
ଫୁଲ ଦେହେ ଦେଖ ଡହଡହ ଖରାବେଳ
ଶାଢ଼ିରେ ରହ କି ଛାତିରେ ରହ ତୁ କିଛି କଥା ନାଇଁ
ତୋର ଛବି ଦେଖି ଈର୍ଷାରେ ଜଳୁଛି ଫୁଲ ।

ନିରିମାଖି ସଞ୍ଜ ଟିପରେ ଆଣିଛି ରାତିରୁ ଅନ୍ଧାର ପୋଛି
ଲୁହରେ ବତୁରା ଦୀପ ମୁହଁ ଧୂଆଁଧୂଆଁ
ମୋ ଆଖିରେ ତୋ' ହାତର କଜଳ ଏଇମିତି ବୋଳି ଦେ'
ଦୀପ ହସିହସି ଲେଖୁଥିବ ଆମ ନାଆଁ ।

ଅପନ୍ତରା ପଥଧାରରେ ପଡ଼ିଛି ଦୁଇଯୋଡ଼ା ପାଦଚିହ୍ନ
ସହରର ରାସ୍ତା ଦେଖିଦେଇ ମୁହଁ ମୋଡ଼େ
ତୋ ପାଦରେ ପାଦ ପକାଇ ଚାଲିଲେ ବେଶୀ ଭଲଲାଗେ
ବାଟ ହିଁ ଆମର ପାଦକୁ ଏମିତି ଯୋଡ଼େ ।

ଶାଢ଼ିର ଅଞ୍ଚଳ ଦୀପର ଆଲୁଅ ତୁ ଅଛୁ ସବୁଥିରେ
ଅପନ୍ତରା ଅବା ସହଜ ରାସ୍ତାରେ ଚାଲୁଥିବୁ ମୋ ସାଥିରେ ।

•

ଶିକ୍ଷୟିତ୍ରୀ, ବିଡ଼ାନାସୀ, କଟକ

# ପିଲାଦିନ କେତେ ଭଲ ଥିଲା

**॥ ଭାଗିରଥି ଜେନା ॥**



ଆମ ସମୟ ବୋଧେ ଶେଷ ପିଢ଼ି ଥିଲା
ଯିଏ ନଡ଼ା ଛପର ଝାଟିମାଟି ଘରେ ରହୁଥିଲା
ଜେଜେ ମାଆଙ୍କୁ ମହଁରୁ ଗପ ଶୁଣୁଥିଲା
ଗପ ଶୁଣି ହୁଁ ହୁଁ କହି ଶୋଇ ଯାଉଥିଲା ।
ଆମ ସମୟ ବୋଧେ ଶେଷ ପିଢ଼ି ଥିଲା

ଯିଏ ଗାଁ ଦାଣ୍ଡରେ ବାଟି, ନଟୁ, କବାଡ଼ି ଖେଳୁଥିଲା
ଆମ ପିଲା ସମୟ ବୋଧେ ଶେଷ ପିଢ଼ି ଥିଲା
ଯିଏ ଟିଣ ଡବାକୁ ବାଡେଇ ବାଜା ବଜାଉଥିଲା
ଡିବି ଲଣ୍ଠନ ଜଳିଲେ ସନ୍ଧ୍ୟାବେଳେ ପଢୁଥିଲା
ହାତରେ ଲାଗିବା କଲମ କାଳୀ ମୁଣ୍ଡେ ପୋଛୁଥିଲା
ବହି ଖାତାରେ ମଲାଟ ପକାଇ ଆଗ ନାଁ ଲେଖିଥିଲା ।
ଆମ ପିଲା ସମୟ ବୋଧେ ଶେଷ ପିଢ଼ି ଥିଲା

ଯିଏ ମନର କଥାକୁ ଚିଠିରେ ଲେଖି ଦେଉଥିଲା
ପାଞ୍ଚ ଟଙ୍କା ପାଇଲେ ମନ ବେଶି ଖୁସି ହେଉଥିଲା
ଆମ ପିଲା ସମୟ ବୋଧେ ଶେଷ ପିଢ଼ି ଥିଲା,

ବାଉଁଶ ବିଞ୍ଚଣାରେ ବିଞ୍ଚି ହୋଇ ଶୋଉଥିଲା
ସୋରିଷ ତେଲ ମୁଣ୍ଡରେ ଲଗେଇ ନିତି ଗାଧୋଉଥିଲା
ହୁଇଲ ସର୍ଫରେ ସାର୍ଟ ସଫା କରୁଥିଲା
ଆମ ପିଲା ସମୟ ବୋଧେ ଶେଷ ପିଢ଼ି ଥିଲା ।

•

ଜଗତସିଂହପୁର

# ଦୁନିଆ

**॥ ସୁସ୍ମିତା ପଣ୍ଡା ॥**



ବିଚିତ୍ର ଏଇ ଦୁନିଆ ରାଇଜ, ବିଚିତ୍ର ଏଠି ଚରିତ୍ର
କିଏ ହସିହସି ଗଡି ଯାଉଅଛି, ତ କାହାର କାନ୍ଦ ବିଚିତ୍ର ॥

ବାଲିଘର ଏ ଜୀବନ ଆମର, ନିମିଷକ ମାତ୍ରେ ହୁଏ ଛାରଖାର
କେଉଁ ଭରସାରେ ତୋଳୁଛୁ ମଣିଷ, ସ୍ୱପ୍ନର ଏ ସଂସାର ॥

ଯାହାକୁ ବୋଲୁଛୁ ଅତି ଆପଣାର, ସେ ପରା ସ୍ୱାର୍ଥର ସାଥୀ
ସ୍ୱାର୍ଥ ସରିଗଲେ କେହି ନୁହେଁ କାହାର, ଅନ୍ଧକାର ଘୋଟିବ ରାତି ॥

ଧନ, ଦଉଲତ ଅଢ଼େଇ ଦିନର, ସାଥେ କିଛି ଯିବ ନାହିଁ
ଭଲ କର୍ମ ତୋର ସାରା ଜୀବନକୁ ସାଇତି ରଖିବ ଭାଇ॥

ଶୂନ୍ୟ ହସ୍ତେ ଏଠି ଜନମ ଲଭିଛୁ, ଶୂନ୍ୟ ରେ ହେବୁ ଲୀନ
ଅହମିକା ଛାଡି ସଭିଙ୍କୁ ଆପଣେଇଲେ, ଧନ୍ୟ ହେବ ତୋହର ଦିନ ॥

ପଥର କଣ୍ଟାକୁ ଏଡାଇ ଯିବାକୁ, ମନେ ରଖ ବଡ଼ ପଣ
ସତ୍ ପଥେ ଚାଲିଲେ ନିଶ୍ଚେ ଲଭିବୁ, ବିଜୟର ଆସନ॥

•

କେନ୍ଦୁଝର

Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha),
Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo
Sub-Editor : Dr. Pradyot Kumar Tripathy

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ
ସହ ସଂପାଦକ : ଡ଼. ପ୍ରଦ୍ୟୋତ କୁମାର ତ୍ରିପାଠୀ